## ସଂକ୍ଷେପରେ

### ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା ସଂସଦରେ ବକ୍ତବ୍ୟ ରଖିଲେ

କୋରାପୁଟ,୫।୧ (ଅମିତାଭ ବେହେରା )

ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ସଂସଦ ଭବନରେ ଆୟୋଜିତ ଜାତୀୟସ୍ତରୀୟ ଚେଞ୍ଜ ମେକର କର୍ମଶାଳାରେ ଯୋଗଦେଇ କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା ସଂସଦରେ ନିଜ ବକ୍ତବ୍ୟ ରଖିଛନ୍ତି। ଏହି କର୍ମଶାଳାରେ ସେ ଏକମାତ୍ର ଆଦିବାସୀ ମହିଳା ପ୍ରତିନିଧି ଭାବେ ଯୋଗଦେଇଥିଲେ। ମହିଳା ଜନପ୍ରତିନିଧିମାନେ ରାଜନୀତି କ୍ଷେତ୍ରରେ କିଭଳି କାର୍ଯ୍ୟ କରିବେ ଏବଂ ନିଜ ଦକ୍ଷତା ବୃଦ୍ଧି କରିପାରିବେ ସେ ଉପରେ ବକ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟ, ଏଥିପାଇଁ ପୂର୍ବରୁ ରାଷ୍ଟ୍ରୀୟ ମହିଳା ଆୟୋଗ ପକ୍ଷରୁ ଚୟନ କରାଯାଇଥିଲା। ରାଜ୍ୟର ୧୦ ଜଣଙ୍କ ମଧ୍ୟରେ ସସ୍ମିତା ସ୍ଥାନ ପାଇଥିଲେ।

### ସୀମାନ୍ତ ଛତିଶଗଡ଼ ନିକଟରେ ଅଘଟଣ
### ବିଏସ୍ଏଫ୍ ଭ୍ୟାନ୍ ଓଲଟି ୧୭ ଯବାନ ଆହତ, ୪ ଗୁରୁତର

ମାଲକାନଗିରି,୫।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ରାଜ୍ୟ କାଙ୍କେର ଜିଲା କୁମ୍ଭାରୀ ଗ୍ରାମ ନିକଟରେ ବିଏସ୍ଏଫ୍ ଯବାନଙ୍କ ଭ୍ୟାନ ଓଲଟି ୧୭ ଜଣ ଯବାନ ଆହତ ହୋଇଛନ୍ତି। ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଖବରରୁ ଜଣାପଡିଛି, ସୀମାନ୍ତ କାଙ୍କେର ଜିଲା ନାରାୟନପୁର ଜିଲାକୁ ଲାଗିଥିବା ଆନ୍ତଗର ଫୁଲପାହାଡ଼ ଜଙ୍ଗଲରେ ମାଓବାଦୀଙ୍କ କ୍ୟାମ୍ପ ଚାଲିଥିବା ଖବର ପାଇ ସେଠାକୁ ବିଏସ୍ଏଫ୍ ଯବାନମାନେ କୋମ୍ବିଂ ଅପରେଶନରେ ଯାଉଥିଲେ। କୁମ୍ଭାରୀ ଗ୍ରାମ ଘାଟି ବୁଲାଣି ରାସ୍ତାରେ ଭ୍ୟାନଟି ହଠାତ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଭ୍ୟାନରେ ଥିବା ୧୭ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ଯବାନଙ୍କ ସଙ୍କଟାପନ୍ନ ରହିଛି। ସେମାନଙ୍କୁ ନାରାୟଣପୁର ଜିଲା ରାଇପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବିଏସ୍ଏଫ୍‌ର ଜନସମ୍ପର୍କ ଶିବିର

ମାଲକାନଗିରି,୫।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ପିପଲପଦର-୮୮ ବାଟାଲିୟନ ବିଏସ୍ଏଫ୍ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ଥାନା ନାକାମାମୁଡି ପଞ୍ଚାୟତ ଖରକାଗୁଡା ଗ୍ରାମରେ ଏହି ଶିବିର ହୋଇଥିଲା। ଶିବିରକୁ ଅତିରିକ୍ତ କମାଣ୍ଡାଣ୍ଟ କୃଷ୍ଣଚନ୍ଦ୍ର ନିଆଲ, କମାଣ୍ଡାଣ୍ଟ ଅନିଲ ଚୌହାନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ପ୍ରାୟ ୧୫୦ ଜଣ ଆଦିବାସୀ ଜନସାଧାରଣ ଯୋଗ ଦେଇଥିଲେ। ନାକାମାମୁଡି ପଞ୍ଚାୟତରେ ଏପରି ଜନସମ୍ପର୍କ ଶିବିର କରିବା ଦ୍ୱାରା ଜନସାଧାରଣ ଓ ବିଏସ୍ଏଫ୍ ମଧ୍ୟରେ ସମ୍ପର୍କ ଭଲ ରହିବ ଏବଂ ବିଏସ୍ଏଫ ଯବାନ ଜନସାଧାରଣଙ୍କୁ ସୁରକ୍ଷା ଦେବା ସହ ଉନ୍ନତିମୂଳକ କାର୍ଯ୍ୟରେ ସହାୟକ ହେବେ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିମାନେ ଆଦିବାସୀମାନଙ୍କ ଉଚ୍ଚଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟ ଓ ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ଶାଢି, ଗୃହପୋକରଣ ସାମଗ୍ରୀ, ଛୋଟ ପିଲାଙ୍କୁ ସ୍କୁଲ ବ୍ୟାଗ୍, ଯୁବକଙ୍କୁ ଫୁଟବଲ, ଭଲିବଲ, କ୍ରିକେଟ ବ୍ୟାଟ୍, ଯୁବତୀଙ୍କୁ ଡିଆଁ ଦୌଡି ଆଦି ସାମଗ୍ରୀ ପ୍ରଦାନ କରାଯାଇଥିଲା।

# ସାଇଣ୍ଟିଫିକ୍ ଟିମ୍‌ର ତନାଘନା, ଜଣେ ଅଟକ

### ଜଙ୍ଗଲରୁ ନାବାଳକଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣା

କାଳିମେଳା, ୫।୧ (ଜୀବନକୃଷ୍ଣ ଦାସ)


ପୋଲିସ ତଦନ୍ତ ଜାରି ରଖିଛି।

ଆଦିବାସୀ ପରମ୍ପରାରେ ଏବେ ମଧ୍ୟ ରହିଛି ଅନ୍ଧବିଶ୍ୱାସ। ବିଜ୍ଞାନଯୁଗରେ ମଧ୍ୟ ସେମାନଙ୍କ ଗୁଣିଆ ଉପରେ ରହିଛି ବିଶ୍ୱାସ। ରୋଗ ହେଲେ ସେମାନେ ଡାକ୍ତରଖାନା ନ ଯାଇ ଗୁଣିଗାରେଡ଼ିକୁ ପସନ୍ଦ କରୁଛନ୍ତି। ଯଦିଓ ଗୁଣିଆ ରୋଗୀର ଚିକିତ୍ସା କରୁକରୁ ରୋଗୀର ମୃତ୍ୟୁ ହେଲେ ସେ ନିଜ ଦୋଷ ଲୁଚାଇ ଚତୁରତାର ସହ ଖସିଯାଏ। ଏପରି ଦେଖିବାକୁ ମିଳେ ମାଲକାନଗିରି ଜିଲା କାଳିମେଳା ବ୍ଲକ ମୋଟୁ ଥାନା ଅନ୍ତର୍ଗତ ମାନ୍ୟବକୋଣ୍ଡା ପଞ୍ଚାୟତ ଟାଗରକୋଟା ଗ୍ରାମରେ । ଏମଭି-୧୨୬ ଜଙ୍ଗଲରେ ଗତ ନୂଆବର୍ଷ ଦିନ ଏକ ହତ୍ୟାକାଣ୍ଡ ଘଟିଛି। ଘଟଣାର ତିନି ଦିନ ପରେ ଗୁରୁବାର ଏକ ମୁଣ୍ଡବିହୀନ ନାବାଳକଙ୍କ ମୃତଦେହ ଜବତ ହୋଇଛି। ନୂଆବର୍ଷ ଦିନ ବଣଭୋଜି କରିବାକୁ ଜଙ୍ଗଲକୁ ୪ ଜଣ ସାଙ୍ଗ ଯାଇଥିବା ବେଳେ ଜଣେ ନାବାଳକଙ୍କ ମୁଣ୍ଡବିହୀନ ମୃତଦେହ ଜବତ ହେବା ସାଧାରଣରେ ଆଲୋଡନ ଖେଳାଇ ଦେଇଛି। ମୃତ ନାବାଳକ ଜଣଙ୍କ ହେଉଛନ୍ତି ଟାଗୁରକୋଟା ଗ୍ରାମର ବୁଜି ମିଚ୍ଛୁ (୧୬)।

ଖବର ନେବାରୁ ଜଣାପଡିଛ, ଗତ ୧ ତାରିଖ ନୂଆବର୍ଷ ଦିନ ଟାଗୁରକୋଟା ଗ୍ରାମର ବୁଜି (୧୬) ସେହି ଗ୍ରାମର ଇର୍ମା (୨୦) ମହେଶ (୧୪) ଏବଂ ଗଙ୍ଗା (୨୫) ୩ ସାଙ୍ଗ ମଧ୍ୟାହ୍ନ ସମୟରେ ବଣଭୋଜି କରିବାକୁ ବାହାରିଥିଲେ। ତେବେ ରାତି ପର୍ଯ୍ୟନ୍ତ ବୁଜି ଘରକୁ ନ ଫେରିବାରୁ ପରିବାର ଲୋକେ ଚିନ୍ତାରେ ପଡିଥିଲେ। ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପରିବାର ଲୋକେ ପୁଅକୁ ପାଇ ନ ଥିଲେ। ଫଳରେ ପୁଅ ନିଖୋଜ ନେଇ ବାପା କାନା ମୋଟୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ବୁଜିଙ୍କ ମୁଣ୍ଡବିହୀନ ମୃତଦେହ ଜଙ୍ଗଲରୁ ଜବତ ହୋଇଛି। ମୃତଦେହ ଠାବ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ତାଙ୍କ ସହ ଭୋଜି କରିବାକୁ ଯାଇଥିବା ପିଲାଙ୍କ ମଧ୍ୟରୁ ଜଣଙ୍କୁ ଥାନାରେ ଅଟକ ରଖାଯାଇଛି। ଶୁକ୍ରବାର କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଅଫିସର ସୁଶିଲ ଖରା, ମାଲକାନାଗିରି ଏସ୍‌ଡିପିଓ ଛଚିନ ପଟେଲ ଓ ମୋଟୁ ଆଇଆଇସି ସୁନିଲ ସୁରେନ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ କାଳିମେଳା ସ୍ୟାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସମ୍ପୃକ୍ତ ୩ନାବାଳକ ଫେରାର ଅଛନ୍ତି। ମୋଟୁ ପୋଲିସ ୨୩/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ଥିବା ଅଧିକାରୀଙ୍କୁ ବଦଳି ଦାବି

ମାଥିଲି,୫।୧ (ସୁବାସ ଚନ୍ଦ୍ର ଖୁଡୁପିଆ )

ମାଲକାନଗିରି ଜିଲାରେ ଗୋଟିଏ ଗୋଟିଏ ସ୍ଥାନରେ ଅଧିକାରୀମାନେ ଦୀର୍ଘ ବର୍ଷ ରହି ନିଜ କାର୍ଯ୍ୟ କରିବା ବଦଳରେ ସେମାନେ ବିଭିନ୍ନ ବାଣିଜ୍ୟ ବ୍ୟବସାୟରେ ମାତୁଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏପରି କି ସେମାନେ ଜନପ୍ରତିନିଧିମାନଙ୍କୁ ମଧ୍ୟ ଗୁରୁତ୍ୱ ଦେଉନାହାନ୍ତି। ଏଠାରେ ଦୀର୍ଘ ବର୍ଷଧରି ରହିଥିବା କନିଷ୍ଠଯନ୍ତ୍ରୀ ଓ ଶିକ୍ଷା ବିଭାଗ ଅଧିକାରୀଙ୍କୁ ନେଇ ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା । ସେ କହିଛନ୍ତି, ପ୍ରତ୍ୟେକ ଜିନିଷ ପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ଗୋଟିଏ ଅଫିସରେ ଯଦି ଜଣେ ଅଧିକାରୀ ଦୀର୍ଘ ବର୍ଷ ଧରି ରହିବେ ତାଙ୍କୁ ବଦଳି କରାଯିବା ନିୟମ ରହିଛି। ମାତ୍ର ଏହା ମାଲକାନଗିରି ଜିଲା ମାଥିଲିରେ ପାଳନ ହେଉନାହିଁ। ଜିଲାର ମାଥିଲି ବ୍ଲକର ବିଭିନ୍ନ ବିଭାଗରେ ଗୋଟିଏ ଗୋଟିଏ ସ୍ଥାନରେ ଯନ୍ତ୍ରୀମାନେ ପ୍ରାୟ ୧୬/୧୭ ବର୍ଷ ଧରି ରହି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ଉପରେ ଏକାଧିକ ବିଭାଗ ଦାୟିତ୍ୱ ରହୁଛି। ତେବେ ସୁପ୍ରିମକୋର୍ଟଙ୍କ ନିୟମ ଅନୁସାରେ ଜଣେ ଅଧିକାରୀ ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ମାତ୍ର ମାଥିଲି ବ୍ଲକରେ ଏହି ନିୟମ କାର୍ଯ୍ୟକାରୀ ହେଉନାହିଁ। ଏଠାରେ ଜନପ୍ରତିନିଧିଙ୍କ କଥା ମଧ୍ୟ ଅଧିକାରୀମାନେ ଶୁଣୁନାହାନ୍ତି। ତୁରନ୍ତ ଏହି ଅଧିକାରୀମାନଙ୍କୁ ଏଠାରୁ ବଦଳି କରିବାକୁ ସାଧାରଣରେ ଦାବି ହେଉଛି।

## ଉପାନ୍ତ ଅଞ୍ଚଳର ଆକର୍ଷଣ 'ଗାରିଆ ଡୁଡୁମା'


ଗାରିଆ ଡୁଡୁମା ଜଳପ୍ରପାତ।

ମାଥିଲି,୫।୧ (ସୁବାସ ଚନ୍ଦ୍ର ଖୁଡୁପିଆ )

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ମାଲକାନଗିରି ଜିଲାର ମାଥିଲି ବ୍ଲକର ଗାରିଆ ଡୁଡୁମା ପର୍ଯ୍ୟଟକଙ୍କ ମନ ମୋହୁଛି। ପାହାଡ ଘେରା ପରିବେଶରେ ରହିଥିବା ଏହି ଜଳପ୍ରପାତ ନିକଟରେ ପହଞ୍ଚିବାକୁ ହେଲେ ମାଲକାନଗିରି ଜିଲା ଗୋବିନ୍ଦପାଲି ଛକରୁ ୭ କି.ମି. ଯିବାକୁ ପଡେ। ଏଠାକାର ଝରଣା ପ୍ରତିଟି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଫଳରେ ଏହି ସ୍ଥାନକୁ ପ୍ରତିଦିନ ଦୂରଦୂରାନ୍ତ ଲୋକଙ୍କ ଭିଡ଼ ଜମିବାକୁ ଲାଗୁଛି। ପାହାଡି ଝରଣା ଓ ମୋରମ ରାସ୍ତା ଦେଇ ଏଠାରେ ପହଞ୍ଚିବାକୁ ହୁଏ। ମାଥିଲି ବ୍ଲକ ଉଦୁଲିବେଡ଼ା ପଞ୍ଚାୟତର ଏହି ଜଳପ୍ରପାତର କାଠ ପୋଲ, ପ୍ରାକୃତିକ ଝରଣାରୁ କୁଲୁକୁଲୁ ଶବ୍ଦ ବେଶ୍ ମନ ମୁଗ୍ଧକର। ଏହି ପ୍ରାକୃତିକ ପରିବେଶକୁ ବ୍ଲକର ପିଇଓ ଏହାକୁ ଲୋକଲୋଚନକୁ ଆଣିଛନ୍ତି।

## ପୋଲିସର ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

କୋରୁକୋଣ୍ଡା, ୫।୧ (ଅବିନାଶ ବେହେରା)


କୋରୁକୋଣ୍ଡାରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

ମାଲକାନଗିରି ଜିଲା କୋରୁକୋଣ୍ଡା ଅଞ୍ଚଳରେ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ସଡକ ସୁରକ୍ଷା ଆଇନକୁ କଡାକଡି ଭାବେ ପାଳନ କରିବା ସହ ଅଞ୍ଚଳରେ ଶୋଭାଯାତ୍ରା କରି ଜନସାଧାରଣଙ୍କୁ ସଚେତନ କରିଛି। ଏହି ଅବସରରେ ଗାଡି ମୋଟର ଯାଞ୍ଚ, ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତେବେ ସଡକ ସୁରକ୍ଷା ଆଇନକୁ ଅମାନ୍ୟକରି କେତେଜଣ ଗାଡିଚାଳକ ଗାଡିମୋଟର ଚଳାଉଥିବାରୁ ଉକ୍ତ ଅଞ୍ଚଳରେ ଦିନକୁ ଦିନ ଦୁର୍ଘଟଣା ହ୍ରାସ ପାଇବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ବହୁ ଧନଜୀବନ ନଷ୍ଟ ହେଉଥିବା ଜନସାଧାଣଙ୍କୁ ଅବଗତ କରାଯାଇଥିଲା। କୋରୁକୋଣ୍ଡା ଥାନା ଅଧିକାରୀ ଚନ୍ଦ୍ରକାନ୍ତି ତାଣ୍ଡିଙ୍କ ନେତୃତ୍ୱରେ ସ୍ଥାନୀୟ ସ୍ୱାମୀ ଶିବାନନ୍ଦ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ସ୍ୱାମୀ ଶିବାନନ୍ଦ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଏସ୍ଆଇ ପ୍ରଶାନ୍ତ ସାବତ, ତ୍ରିଲୋଚନ ଚୋଧୁରୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## କୋର୍ଟରେ ରକ୍ତଦାନ ଶିବିର

ଚନ୍ଦାହାଣ୍ଡି, ୫।୧ (ଦିଲୀପ ଦାସ)

ଚନ୍ଦାହାଣ୍ଡିସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତ ପରିସରରେ ତାଲୁକ ଲିଗାଲ ଏଡ୍ କମିଟି ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କରାଯାଇଛି। ଏହି ଶିବିରରେ ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟ ଅତିଥି, ଆଇନଜୀବୀ ମହମ୍ମଦ ହୁସେନ, ଜୟଦେବ ଖମାରୀ, କ୍ଷେମରାଜ ବାଘ, ହୁମେଶ୍ୱର ହଂସ, ଭୀଷ୍ମ ସୁନା ପ୍ରମୁଖ ସମ୍ମାନିତ ଅତିଥିଗାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ପ୍ରଥମ ଥର ୩ଜର ମହିଳାଙ୍କ ସମେତ ମୋଟ ୩୦ ଜଣ ରକ୍ତ ଦେଇଥିଲେ। ଶିବିର ଯକୁ ଆଇନଜୀବୀ ମହମ୍ମଦ ହୁସେନ ପରିଚାଳନା କରିଥିଲେ। ସବ୍‌ଜୁନିୟର ରେଡକ୍ରସ କାଉନସିଲର ସନ୍ତୋଷ ଖମାରୀ, କୋଦାର ଗୌରୀ ପାଣ୍ଡିଆ,ଗୌତମ କଟିମ, ମନୋହର ଜଗତ, ଚନ୍ଦ୍ରଧ୍ୱଜ ଡଙ୍ଗରୀ ଏଥିରେ ସହଯୋଗ କରିଥିଲେ। ନବରଙ୍ଗପୁର ଜିଲା ରକ୍ତ ଭଣ୍ଡାରରୁ ରାହୁଲ ବାରୋଇ, ମାର୍ଟିନ ଛତର, ବୀରେନ୍ଦ୍ର ବିଷୋୟୀ, ନାରାୟଣ ବାଘ, ପୁରୁଷୋତ୍ତମ ସୁନାନୀ, ସୟଦ ପୀର ଅଲ୍ଲୀ ରକ୍ତ ସଂଗ୍ରହ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦିଆଯାଇଛି।



## ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ରାଇଘର, ୫।୧ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଅଧୀନ ରାଇଘର ବ୍ଲକ ଡୁରୁଡ଼ିହି ସଦର ମହକୁମାରେ ଅବସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩ଦିନ ଧରି ଚାଲିଥିବା ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ବ୍ୟାପି କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖେଳକୁଦ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଆଦି କରାଯାଇଥିଲା। ଏଥିରେ ମହିଳା ଓ ପୁରୁଷ ବର୍ଗରେ ଭଲିବଲ,ଫୁଟବଲ, କବାଡି, ବ୍ୟାଡ୍‌ମିଣ୍ଟନ୍, ଦୌଡ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରାଇଘର ବ୍ଲକ ଅଧ୍ୟକ୍ଷା ନବିନା ନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉମରକୋଟ ବିଇଓ ବିକାଶ ଚନ୍ଦ୍ର ସରକାର, ରାଇଘର ବିଇଓ ଈଶ୍ୱର ମାଝି, କୁନ୍ଦେଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଗନ ବିହାରୀ ଦାସ, ଡୁରୁଡିହି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜିତ ରାୟ, ଜିଲା ପରିଷଦ ସଭ୍ୟ ନାନାରା ଖରା, ବ୍ଲକ ଉପାଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ସରଗୁଲି ପ୍ରଧାନଶିକ୍ଷକ ସୁଜନ ଭୌମିକ, ଶଙ୍କର ବର୍ମା, ପ୍ରେମା ଖମାରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଦେବଦାସ୍ ସତନାମୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କ୍ଷୀରୋଦ ବିଶ୍ୱାସ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ପରିଚାଳନାରେ ସହଯୋଗ କରିଥିଲେ। ଖିଲେସ୍ୱର ମାଳୀ ଓ ମନୋରଞ୍ଜନ ହରିଜନ ସୁନ୍ଦର ଏହାକୁ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।


ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ସ୍ୱତନ୍ତ୍ର ଭୋଟର ତାଲିକା ପ୍ରକାଶିତ


ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯାଉଛି ।

ଗୁଣପୁର, ୫।୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଲଳିତ କୁମାର କହଁରଙ୍କ ଦ୍ୱାରା ୧୩୮ ଗୁଣପୁର ଓ ୧୩୯ ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା ଶୁକ୍ରବାର ପ୍ରକାଶିତ ହୋଇଛି । ନଭେମ୍ବର ୨୦୨୩ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୧୫ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ଚାଲିଥିଲା । ଭୋଟର ତାଲିକା ପ୍ରକାଶନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଅଭିଷେକ ସ୍ୱାଇଁ, ସହକାରୀ ଜିଲାପାଳ ବିପିନ ଚନ୍ଦ୍ର ନାୟକ, ସତ୍ୟଜିତ ନାୟକ, ସେକ୍ସନ ଅଫିସର ମନୋରଞ୍ଜନ କାର୍ଜି ପ୍ରମୁଖ ଉପସ୍ଥିତ ଥିଲେ ।

## ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ଉମରକୋଟ, ୫।୧ (ସନ୍ତୋଷ ଶତପଥୀ)

ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଙ୍ଗ ଛାଡ଼ ଆନ୍ଦୋଳନକୁ ଉମରକୋଟ ଡ୍ରାଇଭରମାନେ ସମର୍ଥନ କରିଛନ୍ତି। ସେମାନେ ଶୁକ୍ରବାର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ହିଟ୍ ଆଣ୍ଡ ରନ୍ ମାମଲାରେ ଭାରତୀୟ ନ୍ୟାୟ ସଂହିତାରେ ରଖାଯାଇଥିବା ନୂଆ ଆଇନ ଡ୍ରାଇଭାରଙ୍କ ପାଇଁ ଅଧିକ କଡ଼ାକଡ଼ି ବୋଲି ସେମାନେ କହିଛନ୍ତି। ନୂତନ ଆଇନ ଅନୁଯାୟୀ ଯଦି କେହି ଡ୍ରାଇଭର ବେପରୁଆ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଏ ଏବଂ ଦୁର୍ଘଟଣା ପରେ ପୋଲିସ କିମ୍ବା ଅନ୍ୟ କାହାରିକୁ ସୂଚନା ନ ଦେଇ ଆହତଙ୍କୁ ଦୁର୍ଘଟଣା ସ୍ଥଳରେ ଛାଡ଼ି ପଳାଇଲେ ସମ୍ପୃକ୍ତ ଡ୍ରାଇଭରଙ୍କୁ ୧୦ବର୍ଷ ଜେଲ ସହ ସାତ ଲକ୍ଷ ଟଙ୍କା ଜରିମାନା କାରାଯିବା ନିୟମ ରହିଛି। ଓଡ଼ିଶା ଡ୍ରାଇଭର ମହାସଂଘ ନବରଙ୍ଗପୁର ଜିଲା ଉମରକୋଟ ଶାଖା ସଦସ୍ୟମାନେ ଏହା ବିରୋଧରେ ଅନିର୍ଦ୍ଦିଷ୍ଟ କାଳ ଷ୍ଟିଅରିଂ ଛାଡ଼ କରି ଆନ୍ଦୋଳନରେ ବସିଛନ୍ତି। ରାଜ୍ୟ ସରକାରଙ୍କୁ ଗତବର୍ଷରେ ଦେଇଥିବା ଦାବିକୁ ପୂରଣ କରିବା ସହ ନୂଆ ନିୟମକୁ ଉଚ୍ଛେଦ କରିବା ନେଇ ସେମାନେ ଦାବି କରିଛନ୍ତି। ଦୂରଗାମୀ ଗାଡ଼ିଗୁଡ଼ିକୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ୨ଦିନ ଲାଗିବ। ଏହି ୨ ଦିନ ଆନ୍ଦୋଳନ କୋହଳ କରାଯିବ। ପରେ ଆନ୍ଦୋଳନକୁ ଅଧିକ ଜୋରଦାର କରାଯିବ ବୋଲି ସଂଘ ନିଷ୍ପତ୍ତି ନେଇଛି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଉମରକୋଟ ଡ୍ରାଇଭର ମହାସଂଘ ସଭାପତି ପ୍ରଦୀପ ବିଶ୍ୱାସ କହିଛନ୍ତି।


ଉମରକୋଟରେ ଡ୍ରାଇଭର ମହାସଂଘ ସଦସ୍ୟମାନେ ଆନ୍ଦୋଳନ କରୁଛନ୍ତି।

## ଅଧିକ ଲୋକ ମତଦାନରେ ସାମିଲ ହେବାକୁ ଜିଲାପାଳଙ୍କ ଆହ୍ୱାନ

### ଯୁବ ଭୋଟରଙ୍କୁ ପଞ୍ଜୀକୃତ କରିବାରେ ମାଲକାନଗିରି ଆଗୁଆ

ମାଲକାନଗିରି,୫।୧ (ଦୁର୍ଯ୍ୟୋଧନ ପାତ୍ର)


ଅଧିକାରୀମାନେ ଭୋଟର ତାଲିକା ଉନ୍ମୋଚନ କରୁଛନ୍ତି ।

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲାପାଳ ତଥା ନିର୍ବାଚନ ଅଧିକାରୀ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଏବଂ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଓ ଜିଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଡ. ଅକ୍ଷୟ ଖେମୁଣ୍ଡୁଙ୍କ ଉପସ୍ଥିତିରେ ଏହି ଚୂଡାନ୍ତ ଭୋଟର ତାଲିକା ଉନ୍ମୋଚନ କରାଯାଇ ସମସ୍ତ ରାଜନୈତିକ ଦଳଙ୍କୁ ତାଲିକା ପ୍ରଦାନ କରାଯାଇଛି। ଏହି ଅବସରରେ ସୂଚନା ଦେଇ ଜିଲାପାଳ ସିଂ କହିଛନ୍ତି, ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ପାଖାପାଖି ୧୫ ହଜାର ନୂତନ ଭୋଟରଙ୍କୁ ସାମିଲ କରାଯାଇଛି। ଏମାନଙ୍କ ମଧ୍ୟରେ ୮ ହଜାର ମହିଳା ଭୋଟର ଥିବାବେଳେ ୭ ହଜାର ପୁରୁଷ ରହିଛନ୍ତି। ସମଗ୍ର ରାଜ୍ୟରେ ୧୮ରୁ ୧୯ ବର୍ଷ ବୟସର ଯୁବ ଭୋଟରଙ୍କୁ ପଞ୍ଜୀକରଣ କରିବାରେ ମାଲକାନଗିରି ଜିଲା ସବୁଠାରୁ ଆଗରେ ରହିଛି। ଆଗାମୀ ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ଲୋକ ମତଦାନରେ ଭାଗ ନେଇ ମତଦାନ ହାରକୁ ବୃଦ୍ଧି କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ଜିଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ କହିଛନ୍ତି, ୨୦୨୩ରେ ପ୍ରାୟ ୨୯ ହଜାର ନୂତନ ଭୋଟରଙ୍କୁ ସାମିଲ କରାଯାଇଛି। ମହିଳାଙ୍କ ସମେତ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ଇତିମଧ୍ୟରେ ବଢିଛି। ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପାଇଁ ରାମ୍ପ ଓ ହୁଇଲ ଚେୟାର ଉପରେ ଗୁରୁତ୍ୱାରୋପ କରାଯାଇଛି। ଆସନ୍ତା ଜାନୁୟାରୀ ୮ରୁ ଫେବୃୟାରୀ ୨୯ ଫେବୃଆରୀ ପର୍ଯ୍ୟନ୍ତ ଜିଲାର ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଭୋଟଦାନ ମେଶିନ ତଥା ଇଭିଏମ ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଏବେ ମାଲକାନଗିରି ଜିଲାରେ ମୋଟ ୪ ଲକ୍ଷ ୪୯ ହଜାର ୨୨୯ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨ଲକ୍ଷ ୧୭ହଜାର ପୁରୁଷ ଭୋଟର ଥିବା ବେଳେ ୨ଲକ୍ଷ ୩୧ ହଜାର ୪୪୫ ଜଣ ମହିଳା ଭୋଟର ରହିଛନ୍ତି। ଏଥିସହ ୪୪ ଜଣ ଅନ୍ୟବର୍ଗର ଭୋଟର ରହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ଅଗଷ୍ଟ ୨୦୨୩ରେ ଘରକୁ ଘର ବୁଲି ଏହି ପ୍ରକ୍ରିୟା ସମ୍ପାଦନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ପକ୍ଷରୁ ସରୋଜ ପାତ୍ର, ଭାଜପା ପକ୍ଷରୁ ମାଣିକଲାଲ ଚକ୍ରବର୍ତ୍ତୀ, ବିଜେଡିପକ୍ଷରୁ ଧନୁର୍ଜୟ ମାଡକାମି, ସିପିଆଇ (ଏମ୍) ପକ୍ଷରୁ ବ୍ରଜ ମାଝୀ, ବିଏସ୍‌ପି ପକ୍ଷରୁ ଜାରା ଶବର ମାଡି ଏବଂ ଆପ୍ ପକ୍ଷରୁ କେ. ଦେଶୀରାଜୁ ଆଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶିଶୁଙ୍କ ପାଇଁ ଦିନଟିଏ ବୈଠକ

ଫୁଲବାଣୀ, ୫।୧(ରାକେଶ କୁମାର ରାଉତ)

ଜିଲାପାଳଙ୍କ ସଦଭାବନା ସଭାଗୃହରେ ଶିଶୁଙ୍କ ପାଇଁ ଦିନଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଡିଏସ୍‌ପି ସୁବ୍ରତ କୁମାର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ସରୋଜବାଳା ଆଚାର୍ଯ୍ୟ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରଜତ କୁମାର ଦିଗାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲାପାଳ ବିଭିନ୍ନ ସମସ୍ୟା ତଥା ବାଲ୍ୟ ବିବାହ, ଶିଶୁ ଶ୍ରମିକ, ବିଦ୍ୟାଳୟରେ ପିଲା ମାନଙ୍କର ଅନୁପସ୍ଥିତିର ସମାଧାନ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ସମସ୍ତ ସହଭାଗୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନଙ୍କୁ ନିକଟତର ମେଡିକାଲ ଟିମ୍ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଉଛନ୍ତି କି ନାହିଁ ତାହା ପଚାରି ବୁଝିଥିଲେ । ସେହିପରି ଶିଶୁ ମାନଙ୍କ ବିଷୟରେ କାର୍ଯ୍ୟ କରୁଥିବା ଏନଜିଓମାନଙ୍କୁ ମଧ୍ୟ ପଚାରି ବୁଝିଥିଲେ । ଯଦି ଶିଶୁ ମଙ୍ଗଳ ସମିତିର ଶିବିରର ଅବଶ୍ୟକ ରହିଛି ତାହାଲେ କରିବାକୁ ପ୍ରସ୍ତାବ ଦେଇଥିଲେ । ଏନଜିଓଙ୍କ ତରଫରୁ ବେଲଘର, ବାଲନ୍ଦାପଡା ଏବଂ ବ୍ରାହ୍ମଣୀଗାଁରେ ଶିବିର କରିବାକୁ ପ୍ରସ୍ତାବ ରଖିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ 'ବିଜୁ କନ୍ୟା ରତ୍ନ ଯୋଜନା'କୁ ପାୱାର ପିପିଟି ମାଧ୍ୟମରେ ଉପସ୍ଥାପନ କରିଥିଲେ। ଆଶ୍ୱନଏଡ ସଂଯୋଜିକା ସନ୍ଧ୍ୟାରାଣୀ ନାଏକ କିଶୋରୀ ବାଳିକାଙ୍କ ଗର୍ଭବତୀ ହେବା ସ୍ଥିତି ଏବଂ ସଖୀ ସହେଲି, ସଖା ବନ୍ଧୁ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଏନଜିଓ ପକ୍ଷରୁ ରବୀନ୍ଦ୍ର ପଣ୍ଡା, ମନୋଜ କୁମାର ମିଶ୍ର, ତ୍ରିନାଥ କହଁର, ଜ ଦିଲୀପ କୁମାର ପଣ୍ଡା, ହରି ଶଙ୍କର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

### ଦୈତାରୀ ପ୍ରତିଭା ସମ୍ମାନ ସମ୍ବର୍ଦ୍ଧନା ସମାରୋହ

ଗଞ୍ଜାମ/ରମ୍ଭା,୫।୧
(ବିଦ୍ୟାଧର ସାହୁ/ (ବନବାସୀ ସେଠୀ)

ପୂର୍ବତନ ବିଧାୟକ ସ୍ୱର୍ଗତ ଦୈତାରୀ ବେହେରାଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଦୈତାରୀ ପ୍ରତିଭା ସମ୍ମାନ ସମ୍ବର୍ଦ୍ଧନା ସମାରୋହ ନିଜ ମାତୃଭୂମି ସୁବଳୟା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଦୈତାରୀ ବେହେରା ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସମାରୋହରେ ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ପୂର୍ବତନ ରମ୍ଭା ଏନ୍ଏସି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା, ବିଶିଷ୍ଟ ଶିକ୍ଷାବିତ ତଥା ପ୍ରଫେସର ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଖଲ୍ଲିକୋଟ ବନାଞ୍ଚଳ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ, ଆଇଏସଆରଡି ଡାଇରେକ୍ଟର ସୁଧିର କୁମାର ସାବତ, ସୁବଳୟା କଲେଜ ପ୍ରିନ୍ସପାଲ ସି.ଏଚ ସୁଧାକର, ସାମାଜିକ କର୍ମୀ ମହେଶ୍ୱର ବରାଡ଼, ରମ୍ଭା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଭିମନ୍ୟୁ ସାହୁ, ଶିକ୍ଷାବିତ ବାଳକୃଷ୍ଣ ମହାରଣା, ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ଗୋଲକ ଚନ୍ଦ୍ର ପଲାଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରସରେ ଶିକ୍ଷାବିତ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସମ୍ପାଦକ ବିଜୟ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦିଗପହଣ୍ଡିରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଦିଗପହଣ୍ଡି,୫।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡ.ଚିତ୍ତରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରକୁ ଦିଗପହଣ୍ଡି ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ଏବିଡିଓ ପ୍ରଶାନ୍ତ କୁମାର ରଥ, ଆଇନଜୀବି ହରପ୍ରସାଦ ରଥ, ଉପାଧ୍ୟକ୍ଷା ପ୍ରତିନିଧି ନକୁଳ ପ୍ରଧାନ, ଜିପିଇଓ କିଶୋର ଚନ୍ଦ୍ର ସାହୁ, ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ବିଏସଏସଓ ରଶ୍ମି ପ୍ରକାଶିନି ଜାନି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବ୍ଲକର ୨୫ ଗୋଟି ପଞ୍ଚାୟତରୁ ୫୪୫ ଜଣ ଦିବ୍ୟାଙ୍ଗ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ। ସାମାଜିକ ସୁରକ୍ଷା ବିଭାଗୀୟ କର୍ମଚାରୀ ଭଗବାନ ବେହେରା, ପ୍ରେମାନନ୍ଦ ପାଣିଗ୍ରାହୀ ଶିବିର ସଂଚାଳନ କରିଥିବା ବେଳେ ବ୍ଲକର ଅନ୍ୟ ସମସ୍ତ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଖେମୁଣ୍ଡି କଲେଜ ରେଡକ୍ରସ ଛାତ୍ରୀଛାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ହଜିଯାଉଥିବା କଳା, ସଂସ୍କୃତିର ପୁନରୁଦ୍ଧାର ହେବ

## କନ୍ଧମାଳ ମହୋତ୍ସବ ଉଦ୍‌ଘାଟିତ

ଫୁଲବାଣୀ, ୫।୧(ରାକେଶ କୁମାର ରାଉତ):

କନ୍ଧମାଳ ଜିଲାର କଳା, ସଂସ୍କୃତି ନିଆରା। ଜିଲାର ନାଚ ଗୀତ ବହୁତ ମିଠା । ଆଦିବାସୀ ବହୁଳ ଏହି ଜିଲାରେ ୪ ପ୍ରକାର ଜନଜାତି ଅଛନ୍ତି । ସେମାନଙ୍କ ମଧ୍ୟରେ କନ୍ଧ, ଗଣ୍ଡ, ସଉରା ଏବଂ କୁଟିଆ କନ୍ଧ ଅଛନ୍ତି । ଏହି ଜନଜାତିମାନଙ୍କ କଳା, ସଂସ୍କୃତି, ପରମ୍ପରା ଏବେ ବିଲୀନ ହେବାକୁ ବସିଲାଣି। ଆଦିବାସୀମାନେ ହେଉଛନ୍ତି ଶକ୍ତିର ଉପାସକ । ସେମାନେ ପ୍ରକୃତିକୁ ପୂଜା କରୁଥିଲେ । ଆଜିକାଲିର ଦୁନିଆରେ ନୂଆ ପିଢ଼ି ଏସବୁ ଜାଣି ପାରୁନାହାନ୍ତି। ସେମାନଙ୍କୁ ଜଣାଇବା ପାଇଁ ଅନୁଷ୍ଠିତ ହେଉଛି ଏହି ଉତ୍ସବ। ଯାହା ମାଧ୍ୟମରେ ହଜି ଯାଉଥିବା କଳା, ସଂସ୍କୃତିର ପୁନରୁଦ୍ଧାର ହେବ ବୋଲି କନ୍ଧମାଳ ଷ୍ଟାଡିୟମରେ ଆୟୋଜିତ କନ୍ଧମାଳ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପ ବାଚସ୍ପତି ସାଲୁଗା ପ୍ରଧାନ ଯୋଗଦେଇ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ



ମହୋତ୍ସବର ଉଦ୍‌ଘାଟନୀ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

ଯୋଗଦେଇ ଏହି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲାପାଳ ତଥା ମହୋତ୍ସବ ଆୟୋଜନ କମିଟି ଅଧ୍ୟକ୍ଷ ଆଶିଷ ଈଶ୍ୱର ପାଟିଲ ଏହି ଉତ୍ସବ ଜିଲା ତଥା ରାଜ୍ୟର କଳା, ସଂସ୍କୃତିକୁ ଆଗକୁ ଆଣିବାର ସୁଯୋଗ ଦେବ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା 'ଗିରିଝଙ୍କାର' ଉନ୍ମୋଚିତ ହୋଇଥିଲା। ଅତିଥିମାନଙ୍କୁ ପତ୍ରରେ ତିଆରି ନିଜ ଫଟୋ ଚିତ୍ର ସ୍ମାରକୀ ପ୍ରଦାନ କରାଯାଇଥିଲା । ସମ୍ବଲପୁରୀ ନୃତ୍ୟ, ସୁନ୍ଦରଗଡ଼ର ପଶୁ ମୁଖା ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ପୂର୍ବାହ୍ନରେ ସହରର ଅଧିଷ୍ଠାତ୍ରୀ ଦେବୀ ମା' ନାରାୟଣୀଙ୍କ ମନ୍ଦିରରୁ ମଶାଲ ଜ୍ୟୋତିକୁ ଶୋଭାଯାତ୍ରାରେ ଅଣାଯାଇ ଉତ୍ସବ ସ୍ଥଳକୁ ଅଣାଯାଇଥଲା । ସେହିପରି କୃଷି ଓ ଯନ୍ତ୍ରପାତି ମେଳା ମଧ୍ୟ ଷ୍ଟାଡିୟମରେ ଆରମ୍ଭ ହୋଇଛି । ଦିନକୁ ୩୦୦ ଚାଷୀ ପ୍ରତ୍ୟେକ ଦିନ ଯୋଗ ଦେବା ପାଇଁ ସ୍ଥିର କରାଯାଇଛି।

# ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

ଗୁଣପୁର, ୫।୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଉପ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଶୁକ୍ରବାର ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଜିଲାପାଳ ବିପିନ ଚନ୍ଦ୍ର ନାୟକ ବୈଠକରେ ଅଧ୍ୟକ୍ଷତା କରିଥିଲେ । ସାଧାରଣତନ୍ତ୍ର ଦିବସ ଦିନ ଭୋର ୪.୩୦ରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୁନ ପ୍ରଚାର କରାଯିବ । ୫.୩୦ରେ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ରରୁ ପ୍ରଭାତଫେରି କରାଯିବ। ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକରେ ସକାଳ ୭.୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ସକାଳ ୮.୩୦ରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଉପଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ର ଅଭିବାଦନ ଗ୍ରହଣ କରିବେ । ସମୁଦାୟ ୨୩ଟି ପ୍ୟାରେଡ଼ ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ ଭାରତୀୟ ରିଜର୍ଭ ଫୋର୍ସ, ଭାମିନି ପରେଡର ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିବେ । ଜାନୁଆରୀ ୧୮ ଓ ୧୯ରେ ମିନି ଷ୍ଟାଡିୟମଠାରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜାନୁଆରୀ ୨୦, ୨୨ ଓ ୨୩ରେ ମିନି ଷ୍ଟାଡିୟମଠାରେ ପରେଡ୍‌ର ପୂର୍ବାଭ୍ୟାସ କରାଯିବାକୁ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଛି। ବୈଠକରେ ଆଇଟିଡିଏର ପିଏ ଶାନ୍ତିପ୍ରଭା ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ଡେପୁଟି କମାଣ୍ଡାଣ୍ଟ ଗୋପବନ୍ଧୁ ତ୍ରିପାଠୀ, ଅତିରିକ୍ତ ମଙ୍ଗଳ ଅଧିକାରୀ ସୁରଜ ନାୟକ, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡା, ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ, ବନଖଣ୍ଡ ଅଧିକାରୀ, ମହାବିଦ୍ୟାଳୟ ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଜାତା ଦାସ, ଲ୍ୟୁଟନାଣ୍ଟ ସୁସ୍ମିତା ବାଉରୀ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହା, ଖବରଦାତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ସଂଯୋଜନା କରିଥିବା ବେଳେ ଅନନ୍ତ ପାତ୍ର ସହଯୋଗ କରିଥିଲେ ।

# ଗଞ୍ଜାମ ଜିଲାରେ ୨୯ ଲକ୍ଷ ୪୬ହଜାର ୧୬ ଭୋଟର

ଛତ୍ରପୁର,୫।୧(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲାରେ ଶୁକ୍ରବାର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସମସ୍ତ ରାଜନୈତିକ ଦଳଙ୍କ ଉପସ୍ଥିତିରେ ଏହି ଚୂଡାନ୍ତ ତାଲିକା ପ୍ରକାଶ କରିଛନ୍ତି। ମୋଟ୍ ୨୯ ଲକ୍ଷ ୪୬ହଜାର ୧୬ ଜଣ ଭୋଟର ଥିବା ଜିଲାପାଳ କହିଥିଲେ। ସେଥିରୁ ପୁରୁଷ ୧୫ ଲକ୍ଷ ୨୦ ହଜାର ୨୯ ଓ ମହିଳା ୧୪ ଲକ୍ଷ ୨୫ ହଜାର ୬୧୪ ଏବଂ ତୃତୀୟ ଲିଙ୍ଗ ଭୋଟର ୨୭୩ ରହିଛନ୍ତି। ଯୁବ ଭୋଟର (୧୮-୧୯ବର୍ଷ) ୬୧,୨୩୭, ଦିବ୍ୟାଙ୍ଗ ଭୋଟର ୪୬ ହଜାର ୯୫୧ । ୮୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟର ୫୩ ହଜାର ୮୬୯ । ୩୦୭୭ ମତଦାନ


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଭୋଟର ତାଲିକା ପ୍ରକାଶ କରୁଛନ୍ତି।

କେନ୍ଦ୍ର, ସର୍ଭିସ ଭୋଟର ୬୩୫୨ ରହିଛନ୍ତି। ସର୍ଭେ ପରେ ୯୩ ହଜାର ୫୬୩ ଭୋଟର ଯୋଡି ହୋଇଥିବା ବେଳେ ୪୮ ହଜାର ୫୩୪ ଭୋଟର କଟାଯାଇଛି ବୋଲି ଜିଲାପାଳ କହିଛନ୍ତି। ଜେଣ୍ଡର ରେସିଓ ୯୩୮ ରହିଥିବା କୁହାଯାଇଛି । ଆଗାମୀ ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ଦଳ ସମସ୍ତ ନିୟମକୁ କଡାକଡି ଭାବେ ପାଳନ କରିବାକୁ ଅନୁରୋଧ କରିଥିଲେ। ଏହି ଚୂଡାନ୍ତ ତାଲିକା ପ୍ରକାଶ ବେଳେ ବିଜେଡି ଜିଲା ସଭାପତି ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଭାଜପା, ଆପ୍ ସମେତ ଅନ୍ୟ ଦଳର ସଦସ୍ୟ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ନିଯୁକ୍ତି ତଥା ଦକ୍ଷତା ମେଳା

ଛତ୍ରପୁର,୫।୧(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର ସହଯୋଗରେ ଛତ୍ରପୁର ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ନିଯୁକ୍ତି ତଥା ଦକ୍ଷତା ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ବିଧାୟକ ସୁବାସ ଚନ୍ଦ୍ର ବେହେରା ଉଦଘାଟନ କରିଥିଲେ। ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ତାଲିମ ଦେଇ ନିଯୁକ୍ତି ଦେବା ଲାଗି ରାଜ୍ୟ ସରକାର ଏପରି ମେଳାର ଆୟୋଜନ କରିବାକୁ ବ୍ୟବସ୍ଥା କରିଛନ୍ତି ବୋଲି ବିଧାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥିରେ ୭ଟି କମ୍ପାନୀର ପ୍ରତିନିଧି ଯୋଗଦେଇଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ବେକାର ଯୁବତୀ ଯୁବକ ଉପସ୍ଥିତ ଥିଲେ। ଉକ୍ତ କମ୍ପାନୀମାନଙ୍କ ପକ୍ଷରୁ ଏମାନଙ୍କୁ ନିଯୁକ୍ତି ସମ୍ବନ୍ଧୀୟ କାଉନସେଲିଙ୍ଗ କରାଯାଇଥିଲା। ତାଲିମ ପରେ ନିଯୁକ୍ତି ଦେବା ଲାଗି କମ୍ପାନୀମାନଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରଣୀ ଦାସ, ଉପାଧ୍ୟକ୍ଷା ଏସ. ସାରଦା ରେଡ୍ଡୀ, ଛତ୍ରପୁର ବିଡ଼ିଓ ସୁଶାନ୍ତ ବରାଳ, ବିପିଏମ ମାନସୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ତାଲିମ ଶିବିର 'ସମୃଦ୍ଧି' ଉଦ୍‌ଯାପିତ


ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ଦିଆଯାଉଛି।

ଡାବୁଗାଁ, ୫।୧ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଏକ୍ସ-ବୋର୍ଡ ପ୍ରାଥମିକ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ୩ ଦିବସୀୟ ଶିକ୍ଷକ ତାଲିମ ଶିବିର ସମୃଦ୍ଧି ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବିଦ୍ୟାଳୟସ୍ତରୀୟ ଶିକ୍ଷକମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ପ୍ରଶିକ୍ଷକ ଭାବେ ଦିଲ୍ଲୀପ କୁମାର ରାଉତ, ପ୍ରସନ୍ନ କୁମାର ଦଣ୍ଡସେନା, ଧନଞ୍ଜୟ ବଡଜେନା, ଗୁପ୍ତପ୍ରସାଦ ନାଗ, ହେମେନ୍ଦ୍ରନାଥ ବେହେରା, ଅଖିଳ ଶାନ୍ତିରାଜ ଭତ୍ରା, ଭୁବନଜୋଇ ଭତ୍ରା ଓ କାଳୁଚରଣ ମହାରଣା ପ୍ରମୁଖ ତାଲିମ ଦେଇଥିଲେ । ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୦୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ୨ଟି ଶିବିରରେ ତାଲିମ ନେଇଥିଲେ। ଏଥିରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ଓ ଦେବରାଜ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ।

# କେ.ଏମ୍. ଭାଲିଆସାହି ଉଚ୍ଚ ବିଦ୍ୟାଳୟର ସଫଳତା

ଆର.ଉଦୟଗିରି,୫।୧(ମନୋଜ କୁମାର ପାଢୀ)

ହରିୟାଣାର କୁରୁକ୍ଷେତ୍ରଠାରେ ଗତ ୨୪ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ହୋଇଥିବା ରାଷ୍ଟ୍ରୀୟ ଜୁନିୟର ରେଡକ୍ରସ ପ୍ରତିଯୋଗିତାରେ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ କେ. ଏମ. ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ୨୮ଟି ରାଜ୍ୟ ମଧ୍ୟରୁ କେ.ଏମ. ଭାଲିଆସାହିର ଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ମୋଟ ୧୨ଟି ପୁରସ୍କାର ହାସଲ କରି ଜିଲାର ସବୁ ବିଭାଗରୁ ପ୍ରଶଂସା ସାଉଁଟିଛନ୍ତି। ବିଦ୍ୟାଳୟ ଛାତ୍ରୀଛାତ୍ର ଦଳଗତ ନୃତ୍ୟ, ସୋଲୋ, ଲକି ଷ୍ଟାର, ରଙ୍ଗୋଲି, ଦଳଗତ ଡ୍ରାମାରେ ଦ୍ୱିତୀୟ, କୁଇଜରେ ପ୍ରଥମ, ପ୍ରଦର୍ଶନୀରେ ପ୍ରଥମ



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀ।

ଏବଂ ବକ୍ତୃତାରେ ତୃତୀୟ ହୋଇଥିବା ବେଳେ ସଂସ୍କୃତ ଶିକ୍ଷକ ପ୍ରହ୍ଲାଦ ସିଅଳ ଶ୍ରେଷ୍ଠ କାଉନସିଲର ପୁରସ୍କାର ପାଇଛନ୍ତି। ବିଦ୍ୟାଳୟର ଏହି ପ୍ରଶଂସନୀୟ ସଫଳତା ପଛରେ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ବଳିଷ୍ଠ ଅବଦାନ ସହ ସଂସ୍କୃତ ଶିକ୍ଷକ ସିଅଳ ଏବଂ ରବିନା ଦାସ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ବିଦ୍ୟାଳୟର ଅନ୍ୟ ଶିକ୍ଷୟତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ଶିକ୍ଷା ଓ ତାଲିମ୍ ପ୍ରଶିକ୍ଷଣ ଶିବିର

ଗଞ୍ଜାମ,୫।୧(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ସ୍ତରୀୟ ଶିକ୍ଷା ଓ ତାଲିମ ପାଇଁ ପରାମର୍ଶ ମେଳା ଭାରତୀ ବିଦ୍ୟାପୀଠ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପୂର୍ବ ଭାରତର ଟେକ୍ନିକାଲ ହବ ହେବାକୁ ଓଡିଶା ଯାଉଛି। ତେଣୁ ସମସ୍ତେ କିଭଳି ଏହାର ସୁବିଧା ସୁଯୋଗ ନେଇ ନିଜର ଦକ୍ଷତାକୁ ପ୍ରତିପାଦନ କରିପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ଅତିରିକ୍ତ ବ୍ଲକ ଗୋଷ୍ଠୀ ଅଧିକାରୀ ଭବାନୀ ଶଙ୍କର ପ୍ରଧାନ, ୟଙ୍ଗ ପ୍ରଫେସନାଲ ଜିତେନ୍ଦ୍ର ଉପାଧ୍ୟାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିପିଏମ ଜଳନ୍ଧର ମହାରଣା ସଂଯୋଜନା କରିଥିଲେ।

# ବିଜେଡିର ଖବରଦାତା ସମ୍ମିଳନୀ

ରାଇଘର, ୫।୧(କିରଣ ପଟ୍ଟନାୟକ)

**ରାଇଘରରେ ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟ ଖୋଲିବା ଘୋଷଣା ପରେ ଅଞ୍ଚଳରେ ଖୁସିର ଲହରି**

ନବରଙ୍ଗପୁର ଜିଲାର ରାଇଘର ବ୍ଲକ୍ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ଏହି ଅଞ୍ଚଳରେ ଉଚ୍ଚ ଶିକ୍ଷା ନିମନ୍ତେ ଭିତ୍ତିଭୂମୀର ଅଭାବ ଲାଗି ରହିଥିବାବେଳେ +୨ ପରେ ବହୁ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡୁଥିବାରୁ ଏଠାରେ +୩ କଲେଜ ଖୋଲିବାକୁ ଦାବି ହୋଇଥିଲା। ସେହି ଦାବି ଏବେ ପୂରଣ ହେବାକୁ ଯାଉଛି। ରାଇଘର ବ୍ଲକ୍ ରେ +୩ ଡିଗ୍ରୀ ମହାବିଦ୍ୟାଳୟ ଆସନ୍ତା ଶିକ୍ଷା ବର୍ଷରୁ ଖୋଲିବ ବୋଲି ଶୁକ୍ରବାର ବିଧିବଦ୍ଧ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ଦେଖାଯାଇଛି। ଏହି ପରିପ୍ରେକ୍ଷୀରେ ରାଇଘର ମିନି ଷ୍ଟାଡିୟମରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ରାଜ୍ୟ ଉଠା ଜଳସେଚନ ବିଭାଗ ଉପଦେଷ୍ଟା ପ୍ରମୋଦ ପାଢୀ ଉକ୍ତ ଖବରଦାତା ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଛନ୍ତି। ରିଘରରେ +୩ କଲେଜ ହେଲେ ଉଚ୍ଚ ଶିକ୍ଷା ନିମନ୍ତେ ସ୍ଥାନୀୟ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ଜିଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ବ୍ଲକ ଅଧ୍ୟକ୍ଷା ନବିନା ନାୟକ, ଉପାଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ବ୍ଲକ ସଭାପତି ରାଇସିଂ ଗଣ୍ଡ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ରନାଥ ଗଣ୍ଡ, ନାନାରା ଖରାଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ।

# ଜନରାଜ୍ୟ ଦିବସ ପାଳନ ପ୍ରସ୍ତୁତି ବୈଠକ


ବୈଠକରେ ଉପଜିଲାପାଳଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ।

ବାଲିଗୁଡା,୫।୧
(ସଞ୍ଜୟ କୁମାର ପାଣିଗ୍ରାହୀ):

ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ଜନରାଜ୍ୟ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲାପାଳ ମଧୁମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷାନୁଷ୍ଠାନର ଶିକ୍ଷୟତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ। ୧୬ ତାରିଖରୁ ଜନରାଜ୍ୟ ଦିବସ ଉପଲକ୍ଷେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହେବ ଏବଂ ୨୫ ତାରିଖ ସକାଳ ୭ଟା ସମୟରେ ଆଦିବାସୀ ମହାବିଦ୍ୟାଳୟ ସମ୍ମୁଖରୁ ମିନି ମାରାଥନ୍ ଦୌଡ଼ ପ୍ରତିଯୋଗିତା ଆରମ୍ଭ ହୋଇ ମହାଲକ୍ଷ୍ମୀ ପେଟ୍ରୋଲ ପମ୍ପ ଏବଂ ସେଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମିନିମାରାଥନ୍ ଶେଷ ହେବାକୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା ପରିଚାଳନା କରିଥିଲେ।

## ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରିଣୀ ବୈଠକ

ଭଞ୍ଜନଗର,୫।୧(ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡ ମେଡିକାଲ ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରିଣୀ ବୈଠକ ଗୁରୁବାର ମେଡିକାଲ ଅଧୀକ୍ଷକ ସିତାଂଶୁ ଶେଖର ସତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୫-ଟି ମାଧ୍ୟମରେ ମେଡିକାଲ ରୂପାନ୍ତରିକରଣ କାର୍ଯ୍ୟ ଚାଲିଛି। ଧାର୍ଯ୍ୟ ଅବଧି ଶେଷ ହୋଇଥିଲେ ମଧ୍ୟ କାମ ଶେଷ ହୋଇପାରୁନାହିଁ। ଚଳିତ ମାସ ଶେଷ ସୁଦ୍ଧା ଯେଭଳି କାମ ସରିବ ତାହା ଉପରେ ଦୃଷ୍ଟି ଦେବାକୁ ଉପଜିଲାପାଳ ଅନିଲ କୁମାର ସେଠୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲଡ୍ ବ୍ୟାଙ୍କ୍ ପାଇଁ ଆବଶ୍ୟକ ଆଉ ୩ଟି ନୂତନ ରୁମ୍ ନିର୍ମାଣ କରାଯିବ। ମେଡିକାଲ ମଧ୍ୟରେ ବନ୍ଦ ଥିବା ଘରୋଇ ମେଡିସିନ ଷ୍ଟୋରକୁ ତୁରନ୍ତ ଉଚ୍ଛେଦ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ ସଭା ସଂଯୋଜନା କରିଥିଲେ। ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଗୋପାଳ ବେହେରା, ସିଡିପିଓ ବିଷ୍ଣୁପ୍ରିୟା ସେଠୀ, ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ସଡ଼କ ସୁରକ୍ଷା ସଚେତନତା ସଭା

ପାତ୍ରପୁର,୫।୧(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ପାତ୍ରପୁରସ୍ଥିତ ମା' ବାଳକୁମାରୀ ଟ୍ରେକର ମାଲିକ ସଂଘର ମିଳିତ ଆନୁକୂଲ୍ୟରେ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାତ୍ରପୁର କୋର୍ଟର ବିଚାରପତି କ୍ରିଷ୍ଣା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସଡକ ସୁରକ୍ଷା ଦିଗରେ ସମସ୍ତେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ସାମନ୍ତିଆପଲ୍ଲୀ ମହନ୍ତ ପରାଙ୍କୁଶ ବିଦ୍ୟାପୀଠରୁ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରା ବାହାରି ସାମନ୍ତିଆପଲ୍ଲୀ ଏବ ପାତ୍ରପୁର ଗ୍ରାମ ପରିକ୍ରମା କରି



ସଡକ ସୁରକ୍ଷା ନେଇ ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ। ପରେ ପରାଙ୍କୁଶ ବିଦ୍ୟାପୀଠ ପରିସରରେ ସଚେତନତା ସଭା ହୋଇଥିଲା। ଏମଭିଆଇ ରବୀନ୍ଦ୍ର ନାଥ ଜେନା, ଟିକିଟି ଏସ୍‌ଡିପିଓ ସୁଜିତ ନାୟକ, ଜରଡ଼ା ଥାନା ଆଇଆଇସି ଟୁନା ସାସମଲ, ଭରତପତି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ମାନସ ରଞ୍ଜନ ଆଚାର୍ଯ୍ୟ, ମାଁ ବାଳକୁମାରୀ ଟ୍ରେକର ମାଲିକ ସଂଘ ସଭାପତି ଚିନ୍ତାମଣି ସାହୁ ପ୍ରମୁଖ ଉପସ୍ଥିତ ରହି ସଡକ ସୁରକ୍ଷା ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ଭାଜପା ଯୁବମୋର୍ଚ୍ଚାର ନୂତନ କମିଟି ଘୋଷଣା

ରାୟଗଡ଼ା,୫।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ନୂତନ କମିଟି ଘୋଷଣା ହୋଇଛି। ଉମେଶ ଖୋସ୍‌ଲା ନୂତନ ଜିଲା ସଭାପତି ଭାବେ ଦାୟିତ୍ୱ ନେବା ପରେ ଏହି କମିଟି ଗଠନ କରିଛନ୍ତି। ଏଥିରେ ଉପସଭାପତି ଭାବେ ଚିତ୍ତରଞ୍ଜନ ନାୟକ, ସନ୍ଦିପ ଗୌଡ଼, ଶ୍ରୀନିବାସ ପଣ୍ଡା, ପ୍ରୀତମ ଖୁରା ସ୍ଥାନ ପାଇଛନ୍ତି। ସେହିଭଳି ସାଧାରଣ ସମ୍ପାଦକ ଭାବେ ଗୌତମ ଉଲ୍ଲାକା, ଡି. ପ୍ରଦୀପ, ସମ୍ପାଦକ ଭାବେ କାଳିଆ ବେହେରା, ମହେଶ୍ୱର ମନ୍ତ୍ରୀ, ପଞ୍ଚାନନ ସାହୁ, ରାଜେଶ ସାହୁ, ସବିତା ଶବର ଏବଂ କୋଷାଧ୍ୟକ୍ଷ ଭାବେ ଶାନ୍ତନୁ ସୁବୁଦ୍ଧିଙ୍କୁ ମନୋନୀତ କରାଯାଇଛି। ଏହାବ୍ୟତୀତ ସଭାପତି ଖୋସ୍‌ଲା ୨୪ ଜଣ କାର୍ଯ୍ୟକାରିଣୀ ସଦସ୍ୟ, ୧୯ ଜଣ ବିଭିନ୍ନ ବିଭାଗର ଆବାହକ ଓ ୨୩ ଜଣ ମଣ୍ଡଳ ସଭାପତିଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି । ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି କମିଟି ଘୋଷଣା ହୋଇଛି।

### ପୁରୀକୁ ପ୍ରକଳ୍ପ ପରିକ୍ରମା ଯାତ୍ରା ନିମନ୍ତେ ବୈଠକ

ଦୁର୍ଗୀ, ୫।୧ (ଶିଶିର କୁମାର ପାତ୍ର)

ବିଷମକଟକ ବ୍ଲକ୍ ଅନ୍ତର୍ଗତ ଦୁର୍ଗୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପୁରୀକୁ ପ୍ରକଳ୍ପ ପରିକ୍ରମା ନିମନ୍ତେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବୈଠକରେ ସବୁ ୱାର୍ଡମେମ୍ବର, ଏସ୍‌ଏଚଜି ଗ୍ରୁପର ସଭ୍ୟା ଓ ଏମ୍‌ବିକେମାନେ ଉପସ୍ଥିତ ଥିଲେ। ଆସନ୍ତା ରବିବାରଠାରୁ କୀର୍ତ୍ତନମଣ୍ଡଳୀ ସହ ଏକ ପରିକ୍ରମା ରଥ ୩ଟି ପଞ୍ଚାୟତ ଦୁର୍ଗୀ, ଡୁମୁରୁନେଲି, ସାହାଡ଼ା ପଞ୍ଚାୟତ ପରିଭ୍ରମଣ କରିବ। ରଥ ପ୍ରତି ଗାଁର ଘର ଘର ବୁଲି ଗୁଆ ଚାଉଳ ଦେଇ ପୁରୀକୁ ପ୍ରକଳ୍ପ ପରିକ୍ରମା ନିମନ୍ତେ ନିମନ୍ତ୍ରଣ



କରିବେ । ପିଇଓ ପ୍ରମୋଦ ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ବିଜୟ କୁମୁରୁକା ଓ ଏମ୍‌ବିକେ ଶାନ୍ତିଲତା

### ଶ୍ରୀଜଗନ୍ନାଥଙ୍କୁ ପାଣ୍ଡୁ ଲିପି ଅର୍ପଣ

ଗୁଣପୁର,୫।୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଅନ୍ତର୍ଗତ ଚାଲକମ୍ବାଠାରେ ଅଧିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପର୍କରେ ରଚିତ ଏକ ପାଣ୍ଡୁଲିପି ମହାପ୍ରଭୁଙ୍କୁ ଅର୍ପଣ କରାଯାଇଛି। ବରିଷ୍ଠ ଖବରଦାତା ତଥା ଆଦିବାସୀ ସଂସ୍କୃତି ଗବେଷକ ଡ. ପରେଶ ରଥଙ୍କ 'ସତ୍ୟ ସନାତନ କ୍ଷେତ୍ର' ନାମକ ରଚିତ ଏହି ଓଡ଼ିଆ ପାଣ୍ଡୁଲିପିକୁ ଯଥାରୀତି ଅନୁସାରେ ମନ୍ଦିରକୁ ଅର୍ପଣ କରାଯାଇଛି। ମନ୍ଦିରର ମୁଖ୍ୟ ପୁରୋଧା ପ୍ରଫେସର ସତ୍ୟନାରାୟଣ ରଥ ସମ୍ପାଦନା କରିବେ ଏବଂ ଡ. ଦ୍ୱିତୀଚନ୍ଦ୍ର ସାହୁ ଏହି ପୁସ୍ତିକାରେ ପାଠକଙ୍କୁ ପଦେ ଲେଖିବେ । ଚଲକମ୍ବା ଗ୍ରାମରେ ଶ୍ରୀଜଗନ୍ନାଥ ମନ୍ଦିର ୨୦୧୧ ମସିହାରେ ଆରମ୍ଭ ହୋଇଥିଲା। ୨୦୨୪ ପବିତ୍ର ରଥଯାତ୍ରା ପାଳନ ଅବସରରେ ଏହି ପାଣ୍ଡୁଲିପିର ସଙ୍କଳନ ଏବଂ ମୁଦ୍ରଣ ସମ୍ପୂର୍ଣ୍ଣ ହୋଇ ଏହାର ଯଥାରୀତି ଉନ୍ମୋଚନ ହେବ। ଏହାର କମ୍ପ୍ୟୁଟର ମୁଦ୍ରିତ ପୁସ୍ତକ ପ୍ରକାଶିତ ହେବାକୁ ଯାଉଛି ବୋଲି ପ୍ରକାଶ କରାଯାଇଛି। ପାଣ୍ଡୁଲିପି ଅର୍ପଣ ଅବସରରେ ଲେଖକଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସତ୍ୟନାରାୟଣ ରଥ, ପ୍ରେମଲାଲ ମିଶ୍ର, ନୃସିଂହ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ନବରଙ୍ଗପୁର, ୫।୧ (ସଦାଶିବ ପ୍ରହରାଜ)

ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନବରଙ୍ଗପୁର ସଦର ବ୍ଲକ ବଡମସିଗାଁର ନରସୁବା କୁମ୍ଭାର (୪୩)। ସୂଚନାନୁଯାୟୀ, ନରସୁବା କିଛି କାମରେ ବାଇକରେ ନବରଙ୍ଗପୁର ଆସିଥିଲେ। ନବରଙ୍ଗପୁରରୁ କାମ ସାରି ଉକ୍ତ ବାଇକ୍‌ରେ ଫେରିବା ବେଳେ ଶିଉନି ଛକ ପରେ ପଡୁଥିବା ଏକ ବୁଲାଣି ରାସ୍ତା ମଝିରେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସି ପଡ଼ିଥିଲେ। ତଳେ ଘୋଷାଡି ହୋଇଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେତେବେଳକୁ ନରସୁବାଙ୍କ ମୃତ୍ୟୁ ହୋଇଯାଇଥିଲା।

# ଆଦିବାସୀଙ୍କୁ ନ୍ୟାୟ ଦାବିରେ ରାୟଗଡ଼ା ଜିଲା ବନ୍ଦ

ରାୟଗଡ଼ା,୫।୧(ଆଶିଷ ରଞ୍ଜନ ପଣ୍ଡା)

ଆଦିବାସୀଙ୍କୁ ନ୍ୟାୟ ଦାବିରେ ଶୁକ୍ରବାର ରାୟଗଡ଼ା ଜିଲା ଆଦିବାସୀ ମହାସଂଘ ପକ୍ଷରୁ ଜିଲା ବନ୍ଦ ପାଳନ କରାଯାଇଛି। ୨୦୧୦ରେ ଭାଗୀରଥି ମାଣ୍ଡାଙ୍ଗିଙ୍କୁ ହତ୍ୟା କରାଯିବା ଏବଂ ଏବେ ଆଦିବାସୀ ଝିଅ ଲକ୍ଷ୍ମୀ ମାଝିଙ୍କୁ ହତ୍ୟା କରାଯିବା ପରେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି। ଦୋଷୀକୁ ଗିରଫ ଦାବିରେ ଶୁକ୍ରବାର ସକାଳ ୬ରୁ ମଧ୍ୟାହ୍ନ ୨.୩୦ଟା ପର୍ଯ୍ୟନ୍ତ ରାୟଗଡା ଜିଲାରେ ବନ୍ଦ ପାଳନ କରାଯାଇଥିଲା। ଆଦିବାସୀ ମହାସଂଘର ଏହି ବନ୍ଦ ପାଳନକୁ ବିଭିନ୍ନ ରାଜନୈତିକ ଦଳ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା। ଭାଜପା, କଂଗ୍ରେସ ଏବଂ ଜିଲା ଡମ ସମାଜ ସମର୍ଥନ କରିବା ସହ ବନ୍ଦ ପାଳନରେ ଯୋଗଦେଇଥିଲେ । ଫଳରେ ସାଢ଼େ ୮ ଘଣ୍ଟା ଜିଲା ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା ।

ବନ୍ଦ ପାଳନ ସମୟରେ ରାୟଗଡ଼ା ସହର ଦେଇ ଜାତୀୟ ରାଜପଥର ଏଫ୍‌ସିଆଇ ଛକ, କପିଳାସ ଛକ, ମଝିଘରିଆଣୀ ମନ୍ଦିର ଛକ ଏବଂ ସିରିଗୁଡ଼ାଠାରେ ଆଦିବାସୀ ମହାସଂଘ ପକ୍ଷରୁ ରାସ୍ତା ବନ୍ଦ କରାଯାଇଥିଲା । ସେହିଭଳି ସହରର ସମସ୍ତ ଦୋକାନ ବଜାର ଓ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଜିଲା ଆଦିବାସୀ ମହାସଂଘ ସଭାପତି ଆପଲସ୍ୱାମୀ କାଡ୍ରାକା, ଆବାହକ ବସନ୍ତ କୁମାର ଉଲାକା, ସାଧାରଣ ସମ୍ପାଦକ ଜଗନ୍ନାଥ ମାଣ୍ଡାଙ୍ଗି, ସହ ସମ୍ପାଦିକା ମଞ୍ଜୁଲା ମିଣିଆକାଙ୍କ ନେତୃତ୍ୱରେ ଆନ୍ଦୋଳନରେ ହଜାର ସଂଖ୍ୟାରେ ଆଦିବାସୀ ଯୋଗଦେଇଥିଲେ। ଭାଗୀରଥି ମାଣ୍ଡାଙ୍ଗି ଏବଂ ଲକ୍ଷ୍ମୀ ମାଝି ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଯିବାକୁ ଆପଲସ୍ୱାମୀଙ୍କ ସମେତ ଭାଜପା, କଂଗ୍ରେସ ନେତା ଦାବି କରିଛନ୍ତି । ଆଦିବାସୀ ମହାସଂଘର ଏକ ବିଶାଳ ବାଇକ ରାଲି ସହର ପରିକ୍ରମା କରିଥିଲା। ଯଦି ଆଦିବାସୀଙ୍କୁ ନ୍ୟାୟ ନ ମିଳେ, ଆଗାମୀ ଦିନରେ ଆଦିବାସୀ ଯେଉଁ ପଦକ୍ଷେପ ନେବେ ସେଥିପାଇଁ ପୋଲିସ ପ୍ରଶାସନ ଦାୟୀ ରହିବେ ବୋଲି ଆବାହକ ବସନ୍ତ ଉଲାକା କହିଛନ୍ତି। ଆନ୍ଦୋଳନରେ ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ, ଭାଜପା ଜାତୀୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ କାଳିରାମ ମାଝି, ବିଜେଡି ଜିଲା ସାଧାରଣ ସମ୍ପାଦକ ଅଶୋକ ପଣ୍ଡା, କଂଗ୍ରେସ ସମିତି ସଭ୍ୟଭୂଷଣ ବିଡ଼ିକା, ଜିଲା ଡମ ସମାଜର ସଦସ୍ୟ ତଥା କଂଗ୍ରେସର ଏସ୍‌ସି ସେଲ୍ ଜିଲା ସଂଯୋଜକ ହୁତାସନ ନାଏକ, ଜିଲା ଯୁବକଂଗ୍ରେସ ଉପସଭାପତି ଅସଲମ୍ ଖାନ୍ ପ୍ରମୁଖ ସାମିଲ ହୋଇଥିଲେ ।



ରାୟଗଡ଼ା ଏଫ୍‌ସିଆଇ ଛକ ନିକଟରେ ବାଉଁଶ ବାନ୍ଧି ରାସ୍ତା ବନ୍ଦ କରାଯାଇଛି।

## କାଶୀପୁର, ଚନ୍ଦ୍ରପୁରରେ ଜନଜୀବନ ପ୍ରଭାବିତ



ଟିକିରି ଛକରେ ଆଦିବାସୀ ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି ।

ଟିକିରି/ଚନ୍ଦ୍ରପୁର,(ପ୍ରଫୁଲ୍ଲ କୁମାର ବେହେରା/ ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା କାଶୀପୁର ବ୍ଲକ ଆଦିବାସୀ ସଂଘ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ବ୍ଲକ ଅନ୍ତର୍ଗତ ଟିକିରି, ସୋରିଷପଦର, ଜାମୁଗୁଡା, ଝୋଡ଼ିଆପୋଡା, ନକଟି ଗୁଡା, ସାନ ମାଟିକୋଣା, ତୋଟାଗୁଡା, ଗୋରଖପୁର, ସୁଙ୍ଗେର ଓ କାଶୀପୁର ସଦର ମହକୁମା ଆଇଫାଡ ଛକ ଓ ଜଗନ୍ନାଥ ମନ୍ଦିର ଛକଠାରେ ଦଳ ଓ ଜାତି ନିର୍ବିଶେଷରେ ଅଞ୍ଚଳର ଶତାଧିକ ଲୋକେ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଉକ୍ତ ଅଞ୍ଚଳର ଛକରେ ଟାଏର ଜାଳି ରାସ୍ତା ଅବରୋଧ କରିବା ସହ ମୃତ ଲକ୍ଷ୍ମୀ ମାଝିଙ୍କୁ ନ୍ୟାୟ ପ୍ରଦାନ ପାଇଁ ନାରା ଦେଉଥିବା ଦେଖିବାକୁ ମିଳିଥିଲା । ବନ୍ଦ ପାଳନ ଯୋଗୁ ଗାଡ଼ି ଚଳାଚଳ ବନ୍ଦ ରହିବା ସହ, ସ୍କୁଲ, ବ୍ୟବସାୟ ପ୍ରତିଷ୍ଠାନ ସବୁ ସକାଳ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଫଳରେ ଜନଜୀବନ ପ୍ରଭାବିତ ହୋଇଥିଲା।

ସେହିପରି ଚନ୍ଦ୍ରପୁର ବ୍ଲକରେ ବନ୍ଦ ପାଳନ କରାଯାଇଥିଲା। ବ୍ଲକ ସଦର, ଚନ୍ଦ୍ରପୁର, ହନୁମନ୍ତପୁର ଛକରେ ସଂଘ ପକ୍ଷରୁ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ଦୋକାନ ବଜାର, ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା। ହନୁମାନ୍ତପୁର ବସ୍‌ଷ୍ଟାଣ୍ଡ ଛକରେ ଚନ୍ଦ୍ରପୁର ଥାନା ଭାରପ୍ରାପ୍ତ ଅଧିକାରୀ ନୀଳକଣ୍ଠ ବେହେରାଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସମଗ୍ର ବ୍ଲକରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଥିଲା ।ସେହିପରି ଡାଙ୍ଗସୋରଡ଼ାଠାରେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରହିଥିଲା।

## ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା କାର୍ଯ୍ୟକ୍ରମ

ଗୁଣପୁର,୫।୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଗାଦିଆଖଲା ପଞ୍ଚାୟତ ବାୟାଗୁଡା ଅଙ୍ଗନୱାଡି କେନ୍ଦ୍ରଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସିଡିପିଓ ସୁଷମା ପ୍ରସାଦ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଗର୍ଭବତୀ, ପ୍ରସୂତି ଏବଂ କିଶୋରୀ ବାଳିକାଙ୍କୁ ଏହି ଅବସରେ ପୁଷ୍ଟିସାର ଖାଦ୍ୟ ବଣ୍ଟନ କରାଯାଇଥିଲା। ସେମାନଙ୍କୁ ମସଲାମୁଢ଼ି, ଭଜା ଚଣା, ରାଶିଲଡୁ ଏବଂ ଖଜୁରି ପ୍ରଦାନ କରାଯାଇଥିଲା। ସେହିପରି କିଶୋରୀ ବାଳିକାମାନଙ୍କୁ ମସଲାମୁଢ଼ି ଏବଂ ଭଜାଚଣା ପ୍ରଦାନ କରାଯାଇଥିଲା। କିଶୋରୀ, ଗର୍ଭବତୀ ଏବଂ ପ୍ରସୂତୀ ମହିଳାଙ୍କ ଅପପୁଷ୍ଟି ରୋକିବା ପାଇଁ ରାଜ୍ୟ ସରକାର ଏହି ଯୋଜନା ଆରମ୍ଭ କରିଥିବା ସିଡିପିଓ ସୁଷମା ପ୍ରସାଦ କହିଥିଲେ। ଏହି ଖାଦ୍ୟ ୨୫ ଦିନ ପାଇଁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ରମ୍ଭା ସେନାପତି, ଅଙ୍ଗନୱାଡି କର୍ମୀ ସୁମିତ୍ରା ଶବର, ହେଲପର ପଦ୍ମିନି ଶବର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଓଜନ ଉତ୍ସବ କାର୍ଯ୍ୟକ୍ରମ ପାଳନ ହୋଇଥିଲା।। ଏହି ଅବସରରେ ଜନ୍ମରୁ ୬ ବର୍ଷ ପିଲାଙ୍କ ଓଜନ ଓ ଉଚ୍ଚତା ମାପ କରାଯାଇଥିଲା।

# ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

## ପରିବହନ ସେବା ପ୍ରଭାବିତ

ରାୟଗଡ଼ା/ମୁନିଗୁଡ଼ା,୫।୧ (ଭାଗ୍ୟଶ୍ରୀ ମିଶ୍ର/ରାଧେଶ୍ୟାମ ଅଗ୍ରୱାଲ)

ହିଟ୍ ଆଣ୍ଡ ରନ୍ ମାମଲାରେ ଭାରତୀୟ ନ୍ୟାୟ ସଂହିତାରେ ରଖାଯାଇଥିବା ନୂଆ ବର୍ଦ୍ଧିତ ଦଣ୍ଡ ବ୍ୟବସ୍ଥା ବିରୋଧରେ ରାୟଗଡ଼ା ଜିଲା ସଦର ବ୍ଲକ୍ ଓ ମୁନିଗୁଡ଼ା ଡ୍ରାଇଭର ସଂଘ ଶାଖା ପକ୍ଷରୁ ଶୁକ୍ରବାରଠାରୁ ଷ୍ଟିୟରିଂ ଛାଡ ଆନ୍ଦୋଳନ କରାଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଜିଲା ଡ୍ରାଇଭର ମହାସଂଘ ସଭାପତି ଜିତେନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସଦର ବ୍ଲକ୍ ଶାଖା ସଂଘ ସଭାପତି ବୀରେନ୍ଦ୍ର ପ୍ରସାଦ ତୁରୁକ ଓ ସମ୍ପାଦକ ନବୀନ ହିଆଲଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ କେନ୍ଦ୍ର ସରକାରଙ୍କ ନୂଆ ଆଇନ ଏବଂ ରାଜ୍ୟ ସରକାରଙ୍କ ଅଣଦେଖା ନୀତି ବିରୋଧରେ ସ୍ଲୋଗାନ ଦେଇ ଆନ୍ଦୋଳନରେ ସାମିଲ ହୋଇଥିଲେ । ଡ୍ରାଇଭର ମହାସଂଘର ଏହି ଆନ୍ଦୋଳନ ଯୋଗୁ ଜିଲାରେ ପନିପରିବା, କ୍ଷୀର, ମାଛ ସହ ଅନ୍ୟାନ୍ୟ ସାମଗ୍ରୀ ପରିବହନ ବ୍ୟବସ୍ଥା ବହୁଳ ଭାବରେ ପ୍ରଭାବିତ ହୋଇଛି । ଏହି ନୂଆ ଆଇନକୁ ବିରୋଧ କରି ଦେଶର ୨୭ଟି ରାଜ୍ୟର ଡ୍ରାଇଭର ସଂଘ ଷ୍ଟିୟରିଂ ଛାଡ ଆନ୍ଦୋଳନ କରୁଛନ୍ତି । ଡ୍ରାଇଭରମାନଙ୍କ ମାନସମ୍ମାନ ପାଇଁ ଏବଂ କଳା ଆଇନକୁ ବିରୋଧକରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ ଆନ୍ଦୋଳନରେ ସାମିଲ ହୋଇଛୁ । ଏଥିରେ ଜିଲାର ୧୧ଟି ବ୍ଲକର ଶତାଧିକ ଡ୍ରାଇଭର ସାମିଲ ହୋଇଥିବା ଓଡ଼ିଶା ଡ୍ରାଇଭର ସଂଘ ରାୟଗଡ଼ା ଜିଲା ଶାଖା ସଭାପତି ଜିତେନ୍ଦ୍ର କୁମାର ନାୟକ ପ୍ରକାଶ କରିଛନ୍ତି ।

ମୁନିଗୁଡ଼ା ଡ୍ରାଇଭ ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ସେହିପରି ମୁନିଗୁଡ଼ା ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ୧୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଏକାଠି ହୋଇ ଏହି ଆନ୍ଦୋଳରେ ସାମିଲ ହୋଇଛନ୍ତି। କେନ୍ଦ୍ର ସରକାର ଏହି ନିୟମ ରଦ୍ଦ କରିବା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଉଛି । ଯଦି ସରକାର ଦାବି ପୂରଣ ନ କରନ୍ତି ଆନ୍ଦୋଳନ ବଳବତ୍ତର ରହିବ ବୋଲି ମୁନିଗୁଡ଼ା ଶାଖା ସଭାପତି ଶଙ୍କର ଗୁଡୁମ୍ବାକା କହିଛନ୍ତି। ଏହି ଆନ୍ଦୋଳନରେ ଉପ ସଭାପତି ବୁଡ଼ ସବର, ସମ୍ପାଦକ ଲୋକନାଥ ପୂଜାରୀ, ସହ ସମ୍ପାଦକ ରାଜେନ୍ଦ୍ର ଭୋଇ, ଅମରଜିତ .ସିଂ, ଉପଦେଷ୍ଟା ଶ୍ୟାମଘନ ଉଲାକା ନେତୃତ୍ୱ ନେଇଥିଲେ।



ରାୟଗଡ଼ାରେ ଆନ୍ଦୋଳନରେ ସାମିଲ ହୋଇଥିବା ଡ୍ରାଇଭରମାନେ ।

# ଗର୍ଭବତୀଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

## ହତ୍ୟା ଅଭିଯୋଗ

ବିଷମ କଟକ,୫।୧ (ବିଭୂତି ଭୂଷଣ ନାୟକ)

ରାୟଗଡା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଡୁକୁମ ପଞ୍ଚାୟତର ଘୋଡାବାଙ୍ଗିରି ଗ୍ରାମରେ ଜଣେ ୮ ମାସର ଗର୍ଭବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଘାଡାବାଙ୍ଗିରି ଗ୍ରାମର ଲକ୍ଷ୍ମଣ ମାଣ୍ଡିକାଙ୍କ ପତ୍ନୀ ରୀତା କୁଲସିକା । ରୀତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଦାଗ ଓ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ଶାଶୁଘର ଲୋକେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ରୀତାଙ୍କ ବାପଘର ଲୋକେ ବିଷମକଟକ ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସ ଶୁକ୍ରବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ କହିଛନ୍ତି। ପୋଲିସ ମୃତକଙ୍କ ସ୍ୱାମୀ ଲକ୍ଷ୍ମଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ପୋଲିସ ସାଇଟିଫିକ ଟିମ ସହ ଘୋଡବାଙ୍ଗିରି ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଛନ୍ତି।

ଗତ ୨ବର୍ଷ ତଳେ ଘାଡାବାଙ୍ଗିରି ଗ୍ରାମର ଲକ୍ଷ୍ମଣ ମାଣ୍ଡିକା ଡୁକୁମୁ ପଞ୍ଚାୟତର ଲାକବେଟା ଗ୍ରାମର ମାଳତୀ କୁଲୁଶିକାଙ୍କ ଝିଅ ରୀତାଙ୍କୁ ପ୍ରେମ ବିବାହ କରିଥିଲେ। ରୀତା ୮ମାସର ଗର୍ଭବତୀ ଥିଲେ। ଗୁରୁବାର ରାତିରେ ରୀତା ଅସୁସ୍ଥ ଥିବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେଉଁ କାରଣରୁ ଗର୍ଭବତୀଙ୍କ ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଅନୁଧ୍ୟାନ କରବା ସମୟରେ ବେକରେ ଚିହ୍ନ ଦେଖି ସନ୍ଦେହ ହେବାରୁ ବିଷମକଟକ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଥିଲା । ରୀତାଙ୍କ ମୃତ୍ୟୁ ଖବର ଶୁଣି ତାଙ୍କ ବାପାଘର ଲୋକେ ମେଡିକାଲରେ ପହଞ୍ଚି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମୃତ ରୀତାଙ୍କ ସ୍ୱାମୀ ଲକ୍ଷ୍ମଣ, ଦିଅର ଏବଂ ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ରାୟଗଡା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜୟ କୁମାର ନନ୍ଦ କହିଛନ୍ତି ।

# ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜଙ୍କ ସମାଧି ପ୍ରତିଷ୍ଠା

ଗୁଣପୁର,୫।୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର କରାବାଙ୍କସ୍ଥିତ ଅଦ୍ୱୈତ ବେଦାନ୍ତ ଆଶ୍ରମ ପରିସରରେ ଏହାର ପ୍ରତିଷ୍ଠାତା ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜଙ୍କ ସମାଧି ପ୍ରତିଷ୍ଠା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡିଶାର ବିଭିନ୍ନ ଅଞ୍ଚଳରୁ ୩୧ ଜଣ ସାଧୁସନ୍ଥ, ମହାତ୍ମା ଉପସ୍ଥିତ ରହି ସମସ୍ତ ନିତିକାନ୍ତ କରି ସ୍ୱାମୀଜିଙ୍କ ଚିତାଭସ୍ମ ସମାଧି ପ୍ରତିଷ୍ଠା କରିଥିଲେ। ଶୈବ ସମ୍ପ୍ରଦାୟ ଅନୁସାରେ ସମାଧି ଉପରେ ଶିବଲିଙ୍ଗ ସ୍ଥାପନ କରାଯାଇଥିଲା। ଏଥିସହ ନାମଯଜ୍ଞ, ବିଷ୍ଣୁ ସହସ୍ରନାମରେ ଘୃତ ଯଜ୍ଞ ଏବଂ ଶେଷରେ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଧୁସନ୍ଥଙ୍କ ମଧ୍ୟରେ ସ୍ୱାମୀ ଭାସ୍କରତୀର୍ଥ ସ୍ୱରୁପ ମହାରାଜ, ସ୍ୱାମୀ ନିଗମାନନ୍ଦ ସ୍ୱରସ୍ୱତୀ ମହାରାଜଙ୍କ ସମେତ ତ୍ରିପତି ମହାନ୍ତି, ନଳିନି ମହାନ୍ତି, ବିଧାୟକ ରଘୁନାଥ ଗମାଙ୍ଗ, ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ରାମଚନ୍ଦ୍ର ପଣ୍ଡା, ଏସ.ବାବା ପ୍ରସାଦଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ରାଜ୍ୟ ଏବଂ ରାଜ୍ୟ ବାହାରେ ଥିବା ସ୍ୱାମୀଜିଙ୍କ ଶିଷ୍ୟଙ୍କ ସମେତ ତାଙ୍କର ଶୁଭେଚ୍ଛୁମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଶ୍ରମର ସମସ୍ତ ଅନ୍ତେବାସୀ, କମିଟିର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସମାଧି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଉପସ୍ଥିତ ସାଧୁସନ୍ଥଙ୍କ ସହ ଲୋକ ପ୍ରତିନିଧିମାନେ।

# ନୂଆବର୍ଷ ଭେଟି, କାଶୀପୁରରେ ଖୋଲିବ ସରକାରୀ ଡିଗ୍ରୀ କଲେଜ

ରାୟଗଡା,୫।୧(ଭାଗ୍ୟଶ୍ରୀ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ନୂଆବର୍ଷରେ ରାୟଗଡ଼ା ଜିଲା କାଶୀପୁର ବ୍ଲକବାସୀଙ୍କୁ ସରକାରୀ ଡିଗ୍ରୀ କଲେଜ ଭେଟି ଦେଇଛନ୍ତି। ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ଅଞ୍ଚଳବାସୀଙ୍କ ଭିତରେ ଖୁସିର ଲହରି ଖେଳିଯାଇଛି । ଏ ନେଇ ସ୍ଥାନୀୟ ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟମନ୍ତ୍ରୀଙ୍କ ସମେତ ୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଉଚ୍ଚଶିକ୍ଷା ମନ୍ତ୍ରୀ, ବିଭାଗୀୟ ଶାସନ ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଶିକ୍ଷାରେ ସମାନତା ଓ ଉତ୍କର୍ଷ ଆଣିବା ସହ ଶିକ୍ଷାକୁ ସୁଦୂରପ୍ରସାରୀ କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା କଲେଜ ନ ଥିବା ରାଜ୍ୟର ୧୮ଟି ବ୍ଲକରେ କଳା ବିଭାଗର ସ୍ନାତକସ୍ତରୀୟ (ଯୁକ୍ତ ୩) କଲେଜ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ୨୦୨୪-୨୫ଶିକ୍ଷା ବର୍ଷରୁ ଏହି କଲେଜଗୁଡିକରେ ଶିକ୍ଷାଦାନ ଆରମ୍ଭ କରାଯିବ। ଜିଲାର ରାୟଗଡ଼ା ନିର୍ବାଚନମଣ୍ଡଳୀର କାଶୀପୁର, ଗୁଣପୁର ନିର୍ବାଚନମଣ୍ଡଳୀର ରାମନାଗୁଡା ଓ ଚନ୍ଦ୍ରପୁର ବ୍ଲକରେ ସରକାରୀ ସ୍ନାତକ କଲେଜ ଖୋଲାଯିବା ପାଇଁ ରାଜ୍ୟ ସରକାରଙ୍କ



GOVERNMENT OF ODISHA
HIGHER EDUCATION DEPARTMENT

No.: HE-PTC-COL-0027-2023/ 377 /HE, Date: 04/01/2024

NOTIFICATION

In order to ensure equity and promotion of Higher Education hitherto un-covered blocks, the State Government has been pleased to open Government Degree (+3) Colleges (in Arts Stream) in the following 18 blocks of Odisha w.e.f the Academic session 2024-25.

| SL# | District | Block |
|---|---|---|
| 1 | Gajapati | Gumma |
| 2 | Ganjam | Dharakote |
| 3 | Kalahandi | ThumalRampur |
| 4 | Kandhamal | Khajuripada |
| 5 | Koraput | Bandhugaon |
| 6 | Koraput | Narayanpatna |
| 7 | Malkangiri | Chitrakonda |
| 8 | Mayurbhanj | Tiring |
| 9 | Nabarangpur | Tentulikhunti |
| 10 | Nabarangpur | Kosagumuda |
| 11 | Nabarangpur | Jharigam |
| 12 | Nabarangpur | Raighar |
| 13 | Rayagada | Kasipur |
| 14 | Rayagada | Ramanguda |
| 15 | Rayagada | Chandrapur |
| 16 | Sundargarh | Nuagaon |
| 17 | Sundargarh | Gurundia |
| 18 | Sundargarh | Kuarmunda |

Order: Ordered that this Notification be published in the extra ordinary issue of the Odisha Gazette and copies thereof be forwarded to all Departments of Government / Accountant General(A&E), Odisha, Bhubaneswar / Principal Secretary to Governor, Odisha/ Registrar High Court, Orissa.

By order of the Governor

Commissioner-cum-Secretary to Government

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବିଧାୟକ

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ କଲେଜଗୁଡିକ ନିମନ୍ତେ ବ୍ଲକ୍ ହେଡ୍‌କ୍ୱାର୍ଟର୍ସଠାରୁ ୫ କି.ମି. ପରିସୀମା ଭିତରେ ୧୦ ଏକର ଜମି ଯୋଗାଇଦେବାକୁ ଜିଲାପାଳଙ୍କୁ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ କଲେଜଗୁଡିକର ନିଜସ୍ୱ ଭିତ୍ତିଭୂମି ବିକାଶ ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଗୃହରେ ଶିକ୍ଷାଦାନ କରାଯିବ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ପ୍ରକାଶଥାଉକି, ରାୟଗଡ଼ା ଜିଲା କାଶୀପୁର ବ୍ଲକରେ କେବଳ ଏକ ଘରୋଇ ଯୁକ୍ତ ୨ କଲେଜ ରହିଥିବା ବେଳେ କୌଣସି ସରକାରୀ ସ୍ନାତକ କଲେଜ ନ ଥିଲା । ଫଳରେ ଅଞ୍ଚଳର ବହୁ ଶିକ୍ଷିତ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ନିମନ୍ତେ ସୁଦୂର ରାୟଗଡା ସହର ତଥା ପଡୋଶୀ ଜିଲା ଉପରେ ନିର୍ଭରକରି ଆସୁଥିଲେ। ଏହାକୁ ନେଇ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ରାୟଗଡା ଗସ୍ତରେ ଆସିଥିବା ୫-ଟି ଅଧ୍ୟକ୍ଷ ପାଣ୍ଡିଆନକୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଏପରିକି କାଶୀପୁର ବ୍ଲକରେ ସରକାରୀ ସ୍ନାତକ କଲେଜ ଖୋଲିବା ପାଇଁ ବିଧାନସଭା ପ୍ରଶ୍ନକାଳରେ ବହୁବାର ଦାବି କରିଆସିଥିଲେ । ବର୍ତ୍ତମାନ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସ୍ନାତକ କଲେଜ ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯିବା ପରେ କାଶୀପୁର ଲାଗି ଏହା ଏକ ମାଇଲଖୁଣ୍ଟ ଏବଂ ଏହି ଅଞ୍ଚଳର ହଜାର ହଜାର ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଗରିବ ପିଲାଙ୍କ ଉଚ୍ଚଶିକ୍ଷା ସହ ଭବିଷ୍ୟତ ଗଠନରେ ଅନେକ ସହାୟକ ହେବ ବୋଲି ବିଧାୟକ ମୁଦୁଲି କହିଛନ୍ତି ।

## ସଂକ୍ଷେପରେ

### ବଡ଼ଭାଇ ଟାଙ୍ଗିଆ ଚୋଟରେ ସାନର ମୃତ୍ୟୁ ଘଟଣା,ଅଭିଯୁକ୍ତ ଗିରଫ



ଜୟପୁର, ୫ା୧ (ପବନ ପାଣିଗ୍ରାହୀ)

ବଡ଼ଭାଇର ଟାଙ୍ଗିଆ ଚୋଟରେ ସାନଭାଇ ମୃତ୍ୟୁ ଘଟଣାରେ ଜୟପୁର ସଦର ପୋଲିସ ବଡଭାଇ ବାରିଜିପୁଟର ନରସିଂହ ଖିଲ (୩୪)କୁ ଗିରଫ କରିଛି। ବଡଭାଇ ନରସିଂହ ଓ ସାନଭାଇ ଜୟଙ୍କ ମଧ୍ୟରେ ଦୀର୍ଘଦିନ ହେଲା ପାରିବାରିକ ବିବାଦ ଲାଗି ରହିଥିଲା। ଘଟଣା ଦିନ ବଡଭାଇ ନରସିଂହ ଉତ୍ତେଜିତ ହୋଇ ସାନଭାଇ ଜୟକୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଜୟ ଗୁରୁତର ହୋଇଥିଲେ। ପୋଲିସ ତାଙ୍କୁ ଉଦ୍ଧାରକରି ଗୁରୁତର ଅବସ୍ଥାରେ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁହୋଇ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।।

### ମା' ବନଦୁର୍ଗା ମଜଦୁର ସଂଘ ଗଠିତ

ମୁନିଗୁଡ଼ା, ୫ା୧(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ କୁଲି ମଜଦୁର ଭାବେ କାର୍ଯ୍ୟରତ ଶ୍ରମିକଙ୍କୁ ନେଇ ମା' ବନଦୁର୍ଗା ଶ୍ରମିକ ସଂଘ ନାଁରେ ଏକ ନୂତନ ଶ୍ରମିକ ସଂଗଠନ ଗଠିତ ହୋଇଛି। ସାମାଜିକ କର୍ମୀ କ୍ଷମା ସାଗର ଦାସଙ୍କ ସଭାପତିତ୍ୱ ଓ ଶ୍ରମିକ ନେତା ଦାଶରଥି କୁଅଁର ଓ ଗୁଦୁରାମ ବାଗଙ୍କ ସଂଯୋଜନାରେ ଏହି ସଂଘ ଗଠନ କରାଯାଇଛି। ମୁଖ୍ୟ ଅତିଥି ଭାବେ



ଖବରଦାତା ମନୋରଞ୍ଜନ ଦଳାଇ, ମୁଖ୍ୟବକ୍ତା ଶ୍ରମିକ ସଂଗଠନ ସଂଯୋଜକ ବଳରାମ କୁଶୁଲିଆଙ୍କ ଉପସ୍ଥିତିରେ ଏହି ଶ୍ରମିକ ସଂଘର ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଥିଲା। ଶ୍ରମିକ ନେତା କୁଶୁଲିଆ ସମାଜର ତୃଣମୂଳସ୍ତରରେ କାର୍ଯ୍ୟରତ କୁଲି, ମଜୁରିଆ, ଟ୍ରଲି ଚାଳକ ଓ ବସଷ୍ଟାଣ୍ଡ ରେଲୱେ ଷ୍ଟେସନରେ କାର୍ଯ୍ୟରତ ଶ୍ରମିକଙ୍କ ଦୟନୀୟ ଅବସ୍ଥା ବିଷୟରେ ବର୍ଣ୍ଣନା କରିବା ସହିତ ସଭିଙ୍କୁ ସଂଘ ମାଧ୍ୟମରେ ସ୍ୱର ଉଠାଇବାକୁ ଆହ୍ୱାନ କରିଥିଲେ। ସେଥିପାଇଁ ସଭି ଶ୍ରମିକଙ୍କ ନାମ ପଞ୍ଜିକରଣ ଅନିବାର୍ଯ୍ୟ ବୋଲି ସୂଚିତ କରାଇଥିଲେ। ସଂଘର ସଭାପତି ଭାବେ କ୍ଷମା ସାଗର ଦାଶଙ୍କୁ ଶ୍ରମିକମାନେ ମନୋନୀତ କରିଥିଲେ। ସମ୍ପାଦକ ଭାବେ ଦାଶରଥି କଅଁର, କୋଷାଧ୍ୟକ୍ଷ ଭାବେ ଦୁରାମ ନାଗଙ୍କୁ କୁ ଚୟନ କରାଯାଇଛି।

# ବଢ଼ିଛି ଲକ୍ଷ୍ମୀପୁର, ପଟ୍ଟାଙ୍ଗି, କୋରାପୁଟ ବିଧାନସଭା କ୍ଷେତ୍ରର ଭୋଟର ସଂଖ୍ୟା

■ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ
■ ମୋଟ ଭୋଟର ହେଲେ ୫,୪୮,୯୦୦
■ ୨୦ ହଜାର ୫୬୩ ନୂଆ ଭୋଟର

କୋରାପୁଟ,୫ା୧(ଅମିତାଭ ବେହେରା)



ଅଧିକାରୀମାନେ ନୂତନ ଚୂଡ଼ାନ୍ତ ଭୋଟର ତାଲିକା ଉନ୍ମୋଚନ କରୁଛନ୍ତି।

କୋରାପୁଟ ଜିଲାରେ ଶୁକ୍ରବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। କୋରାପୁଟ ଉପଖଣ୍ଡରେ ଥିବା ଲକ୍ଷ୍ମୀପୁର, ପଟ୍ଟାଙ୍ଗି ଓ କୋରାପୁଟ ବିଧାନସଭା କ୍ଷେତ୍ରରେ ଚୂଡ଼ାନ୍ତ ଭୋଟର ତାଲିକା–୨୦୨୪ ଅନୁସାରେ ସମୁଦାୟ ଭୋଟର ସଂଖ୍ୟା ୫ ଲକ୍ଷ ୪୮ ହଜାର ୯୦୦ ହୋଇଥିବା ଉପଜିଲାପାଳ ବେଣୁଧର ଶବର କହିଛନ୍ତି। ସେଥିରୁ ଲକ୍ଷ୍ମୀପୁର ବିଧାନସଭା ମଣ୍ଡଳୀରେ ମୋଟ ୧ ଲକ୍ଷ ୭୨ ହଜାର ୪୮୩ ଭୋଟର ରହିଥିବାବେଳେ କୋରାପୁଟ ବିଧାନସଭା ମଣ୍ଡଳୀରେ ୧ ଲକ୍ଷ ୯୦ ହଜାର ଏବଂ ପଟ୍ଟାଙ୍ଗୀ ବିଧାନସଭା ମଣ୍ଡଳୀରେ ୧ ଲକ୍ଷ ୮୬ ହଜାର ୭୬ ଭୋଟର ରହିଛନ୍ତି। ବର୍ଷକ ମଧ୍ୟରେ ଉପରୋକ୍ତ ୩ ବିଧାନସଭା ମଣ୍ଡଳୀରେ ୨୦ ହଜାର ୫୬୩ ନୂତନ ଭୋଟର ସାମିଲ ହୋଇଥିବା ଉପଜିଲାପାଳ ଶବର ସୂଚନା ଦେଇଛନ୍ତି। ଲକ୍ଷ୍ମୀପୁର ବିଧାନସଭା କ୍ଷେତ୍ରରେ ନୂତନ ଭାବେ ୫,୮୪୯(୩.୪ ପ୍ରତିଶତ) ଭୋଟର ସଂଖ୍ୟା ବୃଦ୍ଧି ପାଇଥିବାବେଳେ କୋରାପୁଟ ବିଧାନସଭା ମଣ୍ଡଳୀରେ ୭,୮୦୦(୪.୧ ପ୍ରତିଶତ) ଭୋଟର ବୃଦ୍ଧିପାଇଛନ୍ତି। ଅନୁରୂପ ଭାବେ ପଟ୍ଟାଙ୍ଗି ବିଧାନସଭା କ୍ଷେତ୍ରରେ ନୂତନ ଭାବେ ୬,୯୧୪ (୩.୭ ପ୍ରତିଶତ) ଭୋଟର ବୃଦ୍ଧି ପାଇଛନ୍ତି। ଆସନ୍ତା ପହିଲାରୁ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଏହି ନୂତନ ଭୋଟର ମାନେ ନିଜ ନାମ ପଞ୍ଜୀକୃତ କରିପାରିବେ ବୋଲି ଶବର କହିଛନ୍ତି। ଏହି ଅବସରରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଚୂଡ଼ାନ୍ତ ଭୋଟର ତାଲିକା ଗ୍ରହଣ କରିଥିଲେ।

# ଟ୍ରାକ୍ଟର–ବାଇକ୍ ମୁହାଁମୁହିଁ: ୨ ମୃତ

ନନ୍ଦପୁର, ୫ା୧ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ପାଣ୍ଠଲୁଙ୍ଗ ପଞ୍ଚାୟତ ହାଟଗୁଡା ସେବାଶ୍ରମ ଫାଟକ ସମ୍ମୁଖରେ ଶୁକ୍ରବାର ଟ୍ରାକ୍ଟର ଓ ବାଇକ୍ ମୁହାମୁହିଁ ଧକ୍କା ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଅନ୍ୟ ଦୁଇ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଲମତାପୁଟ ଆଶାକିରଣ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଟ୍ରାକ୍ଟର ସମେତ ଚାଳକ ଫେରାର ହୋଇଯାଇଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏସ୍‌ଡିପିଓଙ୍କ ନିର୍ଦ୍ଦେଶରେ ପାଡୁଆ ପୋଲିସ ଘଟଣାର ତଦନ୍ତ କରୁଛି। ଜଣେ ଗୁରୁତରଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

ଖବରରୁ ଜଣାପଡିଛି, ଶୁକ୍ରବାର ସନ୍ଧ୍ୟା ୭ଟାରେ ହାଟଗୁଡା ଗ୍ରାମର ୩ଯୁବକ କୌଣସି କାମରେ ପାଡୁଆ ଯାଇ ବାଇକ୍ (ଓଡ଼ି୧୦ ଜେ–୫୭୦୦) ଯୋଗେ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ହାଟଗୁଡା ସେବାଶ୍ରମ ବିଦ୍ୟାଳୟ ଛାତ୍ରୀନିବାସ ନିମନ୍ତେ ଜାଳେଣି କାଠ ଆଣି ଆସୁଥିବା ଟ୍ରାକ୍ଟର ବିଦ୍ୟାଳୟ ଫାଟକ ପଟୁ ହଠାତ୍ ବାହାରି ପଡିବାରୁ ବାଇକ୍ ଓ ଟ୍ରାକ୍ଟର ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ୍ ଚାଳକ ସୁଶାନ୍ତ ଗାଲିଙ୍କ ମୃତ୍ୟୁ ହୋଇଥିଲା। ପାଡୁଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇ ଖସି ପଳାଇଥିବା ଟ୍ରାକ୍ଟର ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି। ତେବେ ଟ୍ରାକ୍ଟରକୁ କାଠୁଆ ଗ୍ରାମ ନିକଟରୁ ଠାବ କରାଯାଇଛି।

# ସଡ଼କ ସୁରକ୍ଷାନେଇ ସଚେତନ କଲେ ଛାତ୍ରୀଛାତ୍ର







ସଡକ ସୁରକ୍ଷା ନେଇ ବାହାରିଥିବା ଶୋଭାଯାତ୍ରା।

ନନ୍ଦପୁର/ ଜୟପୁର, ୫ା୧
(ଶଙ୍କର ପୂଜାରୀ/ ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କୁ ନେଇ ଶୁକ୍ରବାର ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଡକ ସୁରକ୍ଷା ସମ୍ପର୍କିତ ରହିଥିବା ବିଭିନ୍ନ ନିୟମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଭିନ୍ନ ସଚେତନତାମୂଳକ ପ୍ଲାକାର୍ଡ ଧରି ବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରି ନନ୍ଦପୁର ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ସଡ଼କ ସୁରକ୍ଷା, ସୁରକ୍ଷିତ ଗାଡ଼ି ମୋଟର ଚାଳନା, ମୋଟର ଆଇନ, ଖିଲାପି କଲେ ରହିଥିବା ଦଣ୍ଡ ବିଧାନ ସମ୍ପର୍କରେ ସଚେତନ କରାଯାଇଥିଲା। କ୍ରୀଡା ଶିକ୍ଷକ ସୁଭାସିଦାନ ଭତ୍ରା, ଲକ୍ଷ୍ମୀ ପଟ୍ଟନାୟକ, ଜସ୍ମିନ ଖରା, ରାଧିକା ଭୋଇ, ଭାସ୍କର ଆଚାର୍ଯ୍ୟ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।

ଜୟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଜୁନିୟର ରେଡକ୍ରସ ଶାଖା ପକ୍ଷରୁ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ୟାମ ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଜୁନିୟର ରେଡକ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା, ଶିକ୍ଷକ ସୋମନାଥ ସାକିଆ, ଶିକ୍ଷୟିତ୍ରୀ ଶୁଭସ୍ମିତା ସାହୁ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହି ସଡକ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଶୋଭାଯାତ୍ରା ମାଧ୍ୟମରେ ଜନସାଧାରଣ ସଡ଼କ ସୁରକ୍ଷା ଉପରେ ସଚେତନ ହେବା ସହିତ ଟ୍ରାଫିକ ନିୟମ, ହେଲମେଟ ବ୍ୟବହାର ସମ୍ପର୍କରେ ଅବଗତ ହୋଇଥିଲେ ।

### ଅଯୋଧାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ନେଇ ବୈଠକ

ଜୟପୁର, ୫ା୧(ପବନ ପାଣିଗ୍ରାହୀ)

ଅଯୋଧାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ନିରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଶ୍ରୀରାମ ନବମୀ ପାଳନ ସମିତି, ହିନ୍ଦୁ ସମାଜ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଚୈତନ୍ୟ ମନ୍ଦିର ପରିସରରେ ଆୟୋଜିତ ଏହି ବୈଠକରେ ଅଯୋଧ୍ୟାରେ ହେବାକୁ ଥିବା ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ନେଇ ଜୟପୁର ସହରରେ କିଭଳି କାର୍ଯ୍ୟକ୍ରମ କରାଯିବ ସେ ସମ୍ପର୍କରେ ସମସ୍ତ ଆଧାତ୍ମିକ, ସାମାଜିକ ସଂଗଠନ, ବୁଦ୍ଧୀଜୀବୀ ଓ ମନ୍ଦିର କମିଟି କର୍ମକର୍ତ୍ତାମାନେ ଯୋଗଦେଇ ନିଜ ମତ ରଖିଥିଲେ। ଆସନ୍ତା ୨୧ ତାରିଖରେ ରଘୁନାଥ ମନ୍ଦିର ନିକଟରେ ଭଜନସନ୍ଧ୍ୟା କରାଯାଇ ସେବକମାନଙ୍କୁ ସମ୍ମାନିତ କରାଯିବ। ୨୨ରେ ପାରାବେଢ଼ା ଝାଙ୍କରଦେଈ ମନ୍ଦିରଠାରୁ ରଘୁନାଥ ମନ୍ଦିର ଯାଏ ଶୋଭାଯାତ୍ରା ବାହାରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ରଜନୀ ନାୟକ, ସତୀଶ ନନ୍ଦ, ଲଳିତ ଅଗ୍ରୱାଲ, ସିଦ୍ଧାର୍ଥ ପାତ୍ର, ସନ୍ଦିର ଦଳାଇ, ବରୁଣ ଜୈନ, ନିଖିଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ କମିଟି, ଗାୟତ୍ରୀ ପରିବାର, ସିୱା, ବିଶ୍ୱ ହିନ୍ଦୁ ପରିଷଦ, ଆରଏସ୍‌ଏସ୍, ଇସ୍କନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ଜୟପୁର, ୫ା୧(ପବନ ପାଣିଗ୍ରାହୀ)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜୟପୁର ଓ କୋଟପାଡ ନିର୍ବାଚନ ମଣ୍ଡଳୀର ତାଲିକା ପ୍ରକାଶିତ ହୋଇଛି। ଜୟପୁର ନିର୍ବାଚନମଣ୍ଡଳୀ ୧୪୩ରେ ୨ ଲକ୍ଷ ୧୧ ହଜାର ୯୦୮ ଜଣ ଭୋଟର ରହିଛନ୍ତି। ଏଥିରୁ ପୁରୁଷ ଭୋଟର ୧ ଲକ୍ଷ ୨୭ ହଜାର ୭୦ ଜଣ ଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୯୧ ହଜାର ରହିଛି। ୪ ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି । ସେହିପରି କୋଟପାଡ ନିର୍ବାଚନ ମଣ୍ଡଳୀ ୧୪୨ରେ ୨ ଲକ୍ଷ ୮୨ ହଜାର ୮୩ ଜଣ ଭୋଟର ରହିଛନ୍ତି । ଏଥିରୁ ପୁରୁଷ ୧ ଲକ୍ଷ ୧୦ ହଜାର ୮୨ ଜଣ ରହିଥିବା ବେଳେ ମହିଳା ୧ ଲକ୍ଷ ୭୧ ହଜାର ୯୧ ଜଣ ଓ ତୃତୀୟ ଲିଙ୍ଗ ୧୧ ଜଣ ରହିଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ସମୟରେ ଉପଜିଲାପାଳ ପ୍ରଭାତ ପରିଡା, ଏବିଡିଓ ମନୋଜ ନାୟକ, ନିର୍ବାଚନ ବିଭାଗର ମନସ୍ୱିନୀ ବେହେରା, କିରଣ ମହାରଣା, ମନୋଜ ପାଲ, ସଲମାନ ଖରାଙ୍କ ସହ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଜୟପୁର ପୌରାଞ୍ଚଳରେ ମଧ୍ୟ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ଏହି ଜୟପୁର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ନିର୍ବାଚନ ବିଭାଗର ବୃନ୍ଦାବନ ମହାନ୍ତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଜୟପୁର ନିର୍ବାଚନମଣ୍ଡଳୀରେ ୨୩୭ ଭୋଟଦାନ କେନ୍ଦ୍ର ଥିବାବେଳେ କୋଟପାଡ ନିର୍ବାଚନମଣ୍ଡଳୀରେ ୨୪୩ ଭୋଟଦାନ କେନ୍ଦ୍ର ରହିଥିବା ପ୍ରକାଶିତ ତାଲିକାରେ ଉଲ୍ଲେଖ ରହିଛି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଅତିଥିମାନେ ଶିବିରକୁ ଉଦ୍‌ଘାଟନ କରୁଛନ୍ତି ।

କୁନ୍ଦୁରା,୫ା୧(ସନ୍ତୋଷ କୁମାର ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ କପିଳେଶ୍ୱର ତାଣ୍ଡି,ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ମୀରା ପରିଡ଼ା, ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ,ଏବିଡିଓ ରାମପ୍ରସାଦ ଦୋରା, ତହସିଲଦାର ବିନୋଦ ଚନ୍ଦ୍ର ନାୟକ, ବ୍ଲକ ମଙ୍ଗଳ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲି, କୁନ୍ଦୁରା ସରପଞ୍ଚ ଲବ ପରଜା,ଜିପିଇଓ ସୁରେଶ ହୋତା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ ପିଇଓ,ଜିଆର୍‌ଏସ୍,ଯୋଗାଣ ସହାୟକ,ଅଙ୍ଗନୱାଡ଼ି କର୍ମୀ ଏବଂ ଆଶାକର୍ମୀ ଉପସ୍ଥିତ ଥିଲେ। ଶିବିରରେ ପଞ୍ଜୀକୃତ ୨୫୮ଜଣଙ୍କ ମଧ୍ୟରୁ ଦୃଷ୍ଟିବାଧିତ ୨୬, ମୂକ ବଧିର ୫୬,ଅସ୍ଥିଶଲ୍ୟ ୧୧୩, ମାନସିକ ରୋଗୀ ୪୦ ଏବଂ ସିକିଲ ସେଲ୍ ରୋଗୀ ୨୩ ଜଣ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବସ୍‌ପାସ୍ ୪୪, ଆୟ ପ୍ରମାଣପତ୍ର ପାଇଁ ୬୦ ଜଣ ଆବେଦନ କରିଥିଲେ। ବରିଷ୍ଠ ସହାୟକ ବସନ୍ତ ଭୋଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଠୋର ଦଣ୍ଡ ବ୍ୟବସ୍ଥାକୁ ଡ୍ରାଇଭରଙ୍କ ବିରୋଧ

ଜୟପୁର, ୫ା୧(ପବନ ପାଣିଗ୍ରାହୀ)

**ଜୟପୁରରେ କଲେ ବିକ୍ଷୋଭ ସମାବେଶ**

କେନ୍ଦ୍ର ସରକାରଙ୍କ ନୂଆ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୬(୨)ର ହିଟ୍ ଆଣ୍ଡ ରନ୍ ଘଟଣା ପାଇଁ କଠୋର ଦଣ୍ଡ ବ୍ୟବସ୍ଥାକୁ ଡ୍ରାଇଭରମାନେ ବିରୋଧ କରିଛନ୍ତି। ଏନେଇ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଶୁକ୍ରବାର ଜିଲା ଡ୍ରାଇଭର ମହାସଂଘ ଶାଖା, ଜୟପୁର ମୋଟର କର୍ମଚାରୀ ସଂଘ ସଦସ୍ୟମାନେ ଏକାଠି ହୋଇ ଷ୍ଟିୟରିଂ ଛାଡି ଆନ୍ଦୋଳନ କରିଛନ୍ତି । ଦୁର୍ଘଟଣା ଘଟାଇଲେ ଡ୍ରାଇଭର ବର୍ତ୍ତିପାରିବେ ନାହିଁ। ୭ ଲକ୍ଷ ଜରିମାନା, ୧୦ ବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ଆଇନରେ ବ୍ୟବସ୍ଥା ରହିଛି। ଜଣେ ଡ୍ରାଇଭରଙ୍କୁ ମାଲିକ ୧୦ ହଜାର ଟଙ୍କା ଦରମା ଦେଇପାରୁ ନ ଥିବା ବେଳେ ୧୦ ବର୍ଷ ଜେଲ ଗଲେ ପରିବାର ଲୋକେ କିପରି ଚଳିବେ ବୋଲି ଡ୍ରାଇଭରମାନେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଶୁକ୍ରବାର ଡ୍ରାଇଭରମାନେ ଢେପାଗୁଡ଼ାଠାରେ ଷ୍ଟିୟରିଂ ଛାଡି ବିକ୍ଷୋଭ ପ୍ରଦର୍ଶନକରି ଏହି ଆଇନକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି । ଡ୍ରାଇଭର ଧନୁ ବେହେରା, ଅବଦଲ ଜିଲାନି, ବାଲାଜୀ ସାହୁ, ବାବୁଲା ଜାଲା, ରାମକୃଷ୍ଣ ମିଶ୍ରଙ୍କ ସମେତ ଅନ୍ୟମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦାବିପୂରଣ ନ ହେବାଯାଏ ଆନ୍ଦୋଳନ ଜାରି ରହିବ। ଅନ୍ୟପକ୍ଷରେ ଡ୍ରାଇଭରମାନଙ୍କ ଆନ୍ଦୋଳନ ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ପେଟ୍ରୋଲ, ଡିଜେଲ ଆଦିର ଦର ବୃଦ୍ଧି ପାଇବ। ଏଥିପାଇଁ ଖାଉଟିମାନେ ଚିନ୍ତାରେ ପଡିଲେଣି।

### ମାପ,ଓଜନ ବିଭାଗର ଚଢ଼ାଉ

ଜୟପୁର, ୫ା୧(ପବନ ପାଣିଗ୍ରାହୀ)ଧ୍

ଜୟପୁର ସହରରେ ବିଭିନ୍ନ ଦୋକାନରେ ମାପ ଓ ଓଜନ ବିଭାଗ ପକ୍ଷରୁ ଶୁକ୍ରବାର ଚଢ଼ାଉ ହୋଇଛି । ଉପଜିଲାପାଳ ପ୍ରଭାତ ପରିଡାଙ୍କ ନିର୍ଦ୍ଦେଶରେ ସହରର ହୋଟେଲ, ଗ୍ରେସରି ଦୋକାନ, ଲୁଗା ଦୋକାନ ଭଳି ୮ଟି ଦୋକାନରେ ଚଢାଉ କରାଯାଇ ଜରିମାନା ଆଦାୟ କରାଯାଇଛି। ଏହି ଚଢାଉରେ ଆସିଷ୍ଟାଣ୍ଟ କଲେକ୍ଟର ରାଜକିଶୋର ଦାସ, ସହକାରୀ ଯୋଗାଣ ଅଧିକାରୀ ସୁଶୀଳ ଜେନା, ମାପ ଓ ଓଜନ ବିଭାଗର ଜିଲା ଉପ ନିୟନ୍ତ୍ରକ ସତ୍ୟଜିତ ବିଶ୍ୱାଳ, ସହକାରୀ ନିୟନ୍ତ୍ରକ ବିଜୟ ନାୟକ, ରଘୁନାଥ କନ୍ଦଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

# ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା

ସେମିଲିଗୁଡ଼ା/ସୁନାବେଡ଼ା,୫ା୧
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଆଞ୍ଚଳିକ ପରିବହନ ବିଭାଗ, ସେମିଲିଗୁଡ଼ା ପୋଲିସ ଓ ତହସିଲର ମିଳିତ ସହଯୋଗରେ ଶୁକ୍ରବାର ସଡକ ସୁରକ୍ଷା ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେମିଲିଗୁଡା ମହାବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରା ବାହାରି ସେମିଲିଗୁଡା ଥାନା ପର୍ଯ୍ୟନ୍ତ ଯାଇ ପୁଣି ମହାବିଦ୍ୟାଳୟ ପରିସରକୁ ଫେରିଥିଲେ। ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ହାତରେ ସୁରକ୍ଷା ବାର୍ତ୍ତା ବହନ କରୁଥିବା ବିଭିନ୍ନ ପୋଷ୍ଟର, ବ୍ୟାନର ଧରି ସଚେତନତାମୂଳକ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପରେ ଆୟୋଜିତ ସଭାରେ ଜିଲା ପରିବହନ ବିଭାଗ ଅତିରିକ୍ତ ଅଧିକାରୀ ତପନ କୁମାର ବେଟି, ସେମିଲିଗୁଡା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ,ତହସିଲଦାର ଦେବବ୍ରତ କରାଟେ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ରମାରଞ୍ଜନ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରମାନେ ଗାଡିମୋଟର ଚଳାଇବା ବେଳେ କିପରି ସତର୍କତା ଅବଲମ୍ବନ କରିବେ ସେନେଇ ବୁଝାଇଥିଲେ। ମୋଟର ଆଇନ ଖିଲାପ କଲେ ରହିଥିବା ଦଣ୍ଡବିଧାନ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଅଧିକାରୀମାନେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।




ସୁନାବେଡାରେ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରୁଛନ୍ତି।

# ୨ ଜଳଭଣ୍ଡାରର ଜଳଘେରି ନେଉଛି ଜୀବନ

ନନ୍ଦପୁର, ୫ା୧(ଶଙ୍କର ପୂଜାରୀ)




**ସରକାରୀ ଡଙ୍ଗା ଅଚଳ, ଦେଶୀଡଙ୍ଗା ସାଜୁଛି ମୃତ୍ୟୁଯନ୍ତା**

କୋରାପୁଟ ଜିଲା ନନ୍ଦପୁର ଉପଖଣ୍ଡ ପୋଲିସ ଅଧୀନ ନନ୍ଦପୁର ଓ ଲମତାପୁଟ ବ୍ଲକର ୧୮ଟି ପଞ୍ଚାୟତବାସୀଙ୍କ ପାଇଁ ଜଲାପୁଟ ଓ କୋଲାବ ରିଜର୍ଭୟରର ଜଳଘେରି କାଳ ସାଜିଛି। ଯାତାୟାତ ଓ ଜୀବନଜୀବିକା ପାଇଁ ଗ୍ରାମବାସୀ ଅସୁରକ୍ଷିତ ଦେଶୀଡଙ୍ଗାରେ ଯାତ୍ରା କରୁଛନ୍ତି। ୨୦୨୩ର ୧୨ମାସ ମଧ୍ୟରେ ନନ୍ଦପୁର, ପାଡୁଆ ଓ ମାଛକୁଣ୍ଡ ଥାନାରେ ୭୦ରୁ ଅଧିକ ଜଳଘେରିରେ ବୁଡ଼ି ମୃତ୍ୟୁ ଘଟଣା ପଞ୍ଜୀକୃତ ହୋଇଛି। ସବୁ ଜାଣି ଦୁଇ ରିଜର୍ଭୟର କର୍ତ୍ତୃପକ୍ଷ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ, ଜିଲା ମତ୍ସ୍ୟ ବିଭାଗ, ବ୍ଲକ ଓ ଜିଲା ପ୍ରଶାସନ ନୀରବ ରହିଛନ୍ତି। ଲୋକଙ୍କୁ ବିପଦସଙ୍କୁଳ ଡଙ୍ଗାଯାତ୍ରାଠାରୁ ଦୂରେଇ ରଖିବାକୁ କୌଣସି ପଦକ୍ଷେପ ନେଇନାହାନ୍ତି। ପ୍ରଶାସନ ପକ୍ଷରୁ ମିଳିଥିବା ମୋଟର ଡଙ୍ଗାଗୁଡ଼ିକ ବର୍ଷାଧିକ କାଳ ହେବ ଅଚଳ ହୋଇ ପଡ଼ିଛି। ଫଳରେ ଦୁଇ ରିଜର୍ଭୟର ପାରିପାର୍ଶ୍ୱିକ ପଞ୍ଚାୟତର ଲୋକେ ହାତ ତିଆରି ଡଙ୍ଗା ବ୍ୟବହାରକରି ବିପଦରେ ପଡୁଛନ୍ତି। ଦୁଇ ରିଜର୍ଭୟର କର୍ତ୍ତୃପକ୍ଷ, ରାଜ୍ୟ ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗ, ବ୍ଲକ, ଜିଲା, ରାଜ୍ୟ ପ୍ରଶାସନ, ମତ୍ସ୍ୟ ବିଭାଗ ଏଭଳି ଅଘଟଣ ରୋକିବାକୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ନନ୍ଦପୁର ବ୍ଲକର ୧୧ ପଞ୍ଚାୟତ ଚାଟୁଆ, ପାଡୁଆ, କୁଲାବିର, ପରଜା ବଡ଼ପଡ଼ା, କୁଲାରସିଂ, ଗୋଲୁର, ପାଣ୍ଠଲୁଙ୍ଗ, ବିଲାପୁଟ, ବାଡେଲ, ବାଲଡା ଓ ଅତଣ୍ଡା ଦେଇ ପ୍ରବାହିତ ପାତାଳୀ ନଦୀର ଜଳରାଶିକୁ ଜଲାପୁଟ ରିଜର୍ଭୟର ଧାରଣ କରିଛି। ସେହିଭଳି ଲମତାପୁଟ ବ୍ଲକର ୭ ପଞ୍ଚାୟତ ଲମତାପୁଟ, ଟିକରପଡ଼ା, କୁମାରଗନ୍ଧନା, ବନମାଳିପୁଟ, ଉମ୍ଭେଲ, ପେଟା, ଦାବଗୁଡା ସମେତ ନନ୍ଦପୁର ବ୍ଲକର ଥୁବା, ମାଳି ବେଲଗାଁ, ଖୁର୍ଜି ପଞ୍ଚାୟତ ଦେଇ ପ୍ରବାହିତ ବିଭିନ୍ନ ଛୋଟ ନଦୀନାଳର ଜଳକୁ କୋଲାବ ରିଜର୍ଭୟର ଧାରଣ କରିଛି। ଏହି ଜଳରାଶି ଲୋକଙ୍କ ଜୀବନ ନେଉଛି। ପ୍ରତିବର୍ଷ ଶତାଧିକ ମହିଳା ପୁରୁଷ, ଯୁବତୀଯୁବକ, ବୃଦ୍ଧାବୃଦ୍ଧ, ନାବାଳିକାନାବାଳକ ଉକ୍ତ ଜଳଘେରିରେ ବୁଡ଼ି ମୃତ୍ୟୁବରଣ କରୁଛନ୍ତି। ନନ୍ଦପୁର ବ୍ଲକ ତାନସିଂ ନଦୀଘାଟରେ ଡଙ୍ଗାବୁଡ଼ି ତାନସିଂ ଗ୍ରାମର ୫ଜଣଙ୍କ ମୃତ୍ୟୁ ଗତ କିଛିଦିନ ତଳେ ହୋଇଥିଲା। ସେହିପରି ଉମ୍ଭେଲ ନଦୀଘାଟରେ ଡଙ୍ଗାବୁଡି ରାଜପୁଟ ପଞ୍ଚାୟତର ୫ ଜଣ ଓ ବିଲାପୁଟ ନଦୀଘାଟରେ ଡଙ୍ଗାବୁଡି ୩ଜଣଙ୍କର ମୃତ୍ୟୁ ହୋଇଥିଲା। ବାର୍ଷିକ ଶତାଧିକ ଲୋକଙ୍କ ଜୀବନ ଯାଉଥିବା ବେଳେ ୨ରିଜର୍ଭୟର କର୍ତ୍ତୃପକ୍ଷ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ, ୨ବ୍ଲକ ଓ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ୨୦୨୧–୨୨ରେ ନନ୍ଦପୁର ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ ଜଳଘେରି ପାର୍ଶ୍ୱରେ ଥିବା ସାବୁନ, ଡାଙ୍ଗବିର ଓ ରାସେଲ ଗ୍ରାମବାସୀଙ୍କ ଯାତାୟାତ ପାଇଁ ପ୍ରଦତ୍ତ ୩ଟି ସରକାରୀ ମୋଟର ଡଙ୍ଗା ବର୍ଷାଧିକ କାଳହେବ ଅଚଳ ହୋଇ ପଡିଛି। ବ୍ଲକ ଜିପିଇଓ ବେଦାନ୍ତ ମାଝି ୨୦୨୩ର ପ୍ରଥମାର୍ଦ୍ଧରେ ବ୍ଲକ କାର୍ଯ୍ୟାଳୟ ତରଫରୁ ୩ ଅଚଳ ମୋଟର ଡଙ୍ଗା ମରାମତି କରିବାକୁ ଜିଲା ଜରୁରିକାଳୀନ ବିଭାଗକୁ ଜଣାଇଥିଲେ ମଧ୍ୟ ସେଗୁଡ଼ିକର ମରାମତି କିମ୍ବା ନୂତନ ଡଙ୍ଗା ପ୍ରଦାନ ନେଇ କୌଣସି ବ୍ୟବସ୍ଥା ପ୍ରଶାସନ କରୁନାହିଁ। ନନ୍ଦପୁର ଓ ଲମତାପୁଟ ତହସିଲ କର୍ତ୍ତୃପକ୍ଷ ଦେଶୀ ଡଙ୍ଗାଗୁଡିକୁ ଚିହ୍ନଟକରି ନାଉରିଆମାନଙ୍କୁ ପ୍ରଶିକ୍ଷଣ ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ, ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ଓ ଅଗ୍ନିଶମ ବିଭାଗ ଏସ୍‌ଓ ବିଶ୍ୱଜିତ୍ ରାଉତଙ୍କୁ ପଚାରିବାରୁ ସେମାନେ ନିଜ ନିଜ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରିବେ ବୋଲି କହିଛନ୍ତି।

# ଜିଲାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟର ବେଶି

ନବରଙ୍ଗପୁର, ୫।୧ (ସଦାଶିବ ପ୍ରହରାଜ)



ନବରଙ୍ଗପୁରରେ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ପରେ ଚୂଡାନ୍ତ ଭୋଟର ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ୨୦୨୪ ଜାନୁଆରୀ ୧ ତାରିଖ ସୁଦ୍ଧା ଜିଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ଜନସଂଖ୍ୟା ୧୩, ୭୯,୫୩୬। ଭୋଟର ସଂଖ୍ୟା ୮, ୪୯,୧୭୬। ୪, ୧୯, ୮୦୬ ପୁରୁଷ, ୪, ୨୯, ୩୧୧ ମହିଳା ଓ ୫୯ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଜିଲାରେ ମୋଟ ଲିଙ୍ଗ ଅନୁପାତ ୧୦୧୭ ରହିଥିବାବେଳେ ଇପି ଅନୁପାତ ୫୯.୭୪ ଅଛି ବୋଲି ଜିଲାପାଳ ତଥା ନିର୍ବାଚନ ଅଧିକାରୀ କମଲଲୋଚନ ମିଶ୍ର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଜିଲାରେ ୧୮ରୁ ୧୯ ବର୍ଷୀୟ ମୋଟ ଭୋଟର ସଂଖ୍ୟା ୨୦,୫୭୮ ଯାହାକି ମୋଟ ଭୋଟରଙ୍କ ୨.୪୨%। ୨୦ରୁ ୨୯ ବର୍ଷୀୟ ୨,୧୮,୮୬୧, ୩୦ରୁ ୩୯ ବର୍ଷୀୟ ୧୯, ୯,୮୫୬ , ୪୦ରୁ ୪୯ ବର୍ଷୀୟ ୧୯, ୫,୧୬୧, ୫୦ରୁ ୫୯ ବର୍ଷୀୟ ୧, ୧୬, ୨୪୦ , ୬୦ରୁ ୬୯ ବର୍ଷୀୟ ୬୪,୨୯୩ , ୭୦ରୁ ୭୯ ବର୍ଷୀୟ ୨୬, ୦୫୨ ଏବଂ ୮୦ ବର୍ଷରୁ ଊର୍ଦ୍ଧ୍ୱ ୮୨୩୫ ସଂଖ୍ୟକ ଭୋଟର ଥିବା ଜିଲାପାଳ ସୂଚନା ଦେଇଛନ୍ତି। ଭୋଟର ତାଲିକାରେ ନାମ ସଂଯୋଗ, ମୃତ,ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ, ଭୋଟର ତାଲିକାରେ ନିଜ ନାମ, ଠିକଣା, ଜନ୍ମ ତାରିଖ ଓ ଫଟୋ ଆଦି ସଂଶୋଧନ ନିର୍ବାଚନର ୧୦ ଦିନ ପୂର୍ବ ପର୍ଯ୍ୟନ୍ତ କରିହେବ। ପାଖ ବିଦ୍ୟାଳୟରେ କାର୍ଯ୍ୟରତ ବିଏଲ୍ଓଙ୍କୁ ଯୋଗାଯୋଗ କରି ଭୋଟର ତାଲିକାରେ ନିଜ ନାମ ସାମିଲ କରି ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ ଜିଲାପାଳ କହିଛନ୍ତି। ଭୋଟର ତାଲିକାରୁ ମୃତ ବ୍ୟକ୍ତିଙ୍କ ନାମ ବାଦ କରିବା ପାଇଁ ଆବେଦନକାରୀ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପ୍ରମାଣ ପତ୍ର, ସମ୍ପୃକ୍ତ ଅଞ୍ଚଳର ୫ ଜଣଙ୍କ ଲିଖିତ ସାକ୍ଷ୍ୟ ଦାଖଲ କରିବା ଆବଶ୍ୟକତା ରହିଛି ।

୪ ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୯୮୩ ବୁଥ୍ ରହିଥିବାବେଳେ ବର୍ତ୍ତମାନ ତାହାକୁ ବୃଦ୍ଧି କରାଯାଇ ୯୯୨ ବୁଥ୍ କରାଯାଇଛି। ସେଥିମଧ୍ୟରୁ ଉମରକୋଟ ନିର୍ବାଚନ ମଣ୍ଡଳୀରେ ୧,୯୫,୭୧୧ ଭୋଟରଙ୍କ ପାଇଁ ୨୨୦ ବୁଥ୍ ରହିଛି। ସେହିଭଳି ଝରିଗାଁ ନିର୍ବାଚନ ମଣ୍ଡଳୀରେ ୨,୧୬,୨୫୬ ଜଣ ଭୋଟରଙ୍କ ପାଇଁ ୨୫୫, ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ

**ପ୍ରକାଶ ପାଇଲା ଚୂଡାନ୍ତ ଭୋଟର ତାଲିକା**

୨, ୩୨, ୮୨୧ ଭୋଟରଙ୍କ ପାଇଁ ୨୭୬ ବୁଥ ରହିଛି। ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ୨, ୦୪, ୩୮୮ ଭୋଟରଙ୍କ ପାଇଁ ୨୪୧ ବୁଥ୍ ରହିଛି। ପ୍ରତ୍ୟେକ ବୁଥ୍‌ରେ କରେଣ୍ଟ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ର୍ୟାମ୍ପ୍ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇଲେକ୍ଟ୍ରୋରାଲ ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ତଥା ଓଏସ୍‌ସିଏସ୍‌ସିର ଏମ୍‌ଡି ଶୁଭମ୍ ସକ୍ସେନା, ଅତିରିକ୍ତ ଜିଲାପାଳ (ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନଚନ୍ଦ୍ର ନାୟକ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଡିଆଇପିଆର୍‌ଓ ହଳଧର ନିଆଲ, ଉପଜିଲାପାଳ ତଥା ଜିଲାଭୋଟର ପଞ୍ଜିକରଣ ଅଧିକାରୀ ପ୍ରକାଶଚନ୍ଦ୍ର ମିଶ୍ର , ଇଲେକ୍ସନ ବିଭାଗର ଡେପୁଟି କଲେକ୍ଟର ପି. ମନସ୍ୱିତା, କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ, ବିଜେଡି ନଗର ସଭାପତି ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଅଞ୍ଚଳବାସୀ



ଖବରଦାତା ସମ୍ମିଳନୀରେ ବ୍ଲକ ବିଜେଡି ନେତା ଓ କର୍ମୀ।

ଝରିଗାଁ,୫।୧ (କିଶୋର ଚନ୍ଦ୍ର ମଣ୍ଡଳ)

**ଝରିଗାଁରେ +୩ ମହାବିଦ୍ୟାଳୟ ସ୍ଥାପନ ଘୋଷଣା ପରେ ଖୁସି**

ନବରଙ୍ଗପୁର ଜିଲା ଝରିଗାଁରେ +୩ ମହାବିଦ୍ୟାଳୟ ଖୋଲିବା ନେଇ ଘୋଷଣା ହୋଇଛି। ଏହାପରେ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ବ୍ଲକ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝିଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଧନ୍ୟବାଦ ଦେଇଛନ୍ତି।

ଝରିଗାଁରେ +୩ ମହାବିଦ୍ୟାଳୟ ନ ଥିବାରୁ ପିଲାମାନେ ଉଚ୍ଚଶିକ୍ଷାରେ ଡୋରି ବାନ୍ଧିବାକୁ ଏକ ପ୍ରକାର ବାଧ ହେଉଥିଲେ। ଏଠାରେ ଏକ +୩ କଲେଜ ସ୍ଥାପନ କରିବା ପାଇଁ ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ବିଗତ ଦିନରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଝରିଗାଁ ବ୍ଲକ ଗସ୍ତରେ ଆସିଥିବାବେଳେ ଏ ସମ୍ପର୍କରେ ବ୍ଲକବାସୀ, ଛାତ୍ରୀଛାତ୍ର, ଏମ୍‌ପି ଏବଂ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ତାଙ୍କୁ ଲିଖିତଭାବେ ଜଣାଇଥିଲେ। ଇତିମଧ୍ୟରେ ରାଜ୍ୟ ସରକାର ୧୮ ନୂତନ +୩ ମହାବିଦ୍ୟାଳୟ ଖୋଲିବାକୁ ଘୋଷଣା କରିଛନ୍ତି। ସେଥିରେ ଝରିଗାଁ ବ୍ଲକ ଅନ୍ତର୍ଭୁକ୍ତ ରହିଛି ବୋଲି ଶୁକ୍ରବାର ବ୍ଲକ ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରିୟରଞ୍ଜନ ଦାସ, ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝି,ବ୍ଲକ ବିଜେଡି ସଭାପତି ଟିକଚନ୍ଦ ମାଝି, ଜିଲା ଯୁବ ବିଜେଡି ଉପସଭାପତି ପ୍ରଦୀପ ଗାଉଁଟିଆ, ଝରିଗାଁ ନିର୍ବାଚନମଣ୍ଡଳୀ ଯୁବ ସଭାପତି ଚିତ୍ତରଞ୍ଜନ ପାଣ୍ଡେ, ଜିଲା ପରିଷଦ ସଭ୍ୟ ତ୍ରମିଳା ପୂଜାରୀ, ମହିଳା ସଭାନେତ୍ରୀ ଲଛମା ଗଣ୍ଡ, ଛାତ୍ର ବ୍ଲକ ସଭାପତି ପିଙ୍କୁ କହାଳିଆ, ବରିଷ୍ଠ ନେତା ନରସିଂହ ଦଳେଇ, ସଦାଶିବ ପଟ୍ଟନାୟକ, ତ୍ରିଲୋଚନ ପାଣ୍ଡେ, ଜି. କ୍ରିଷ୍ଣା ରାଓ,ମହେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହଟିଲା ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟି, ଲାଗିଲା ନୂଆ

**ଧରିତ୍ରୀ ପ୍ରଭାବ**



ତେନ୍ତୁଲିଖୁଣ୍ଟି, ୫।୧ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡାରେ ପୋଡ଼ାଗଡ଼ ବନ୍ଧ ବିଭାଗ ଯିବାକୁ ଥିବା ରାସ୍ତା ପାର୍ଶ୍ୱର ବିଦ୍ୟୁତ୍ ଖୁଣ୍ଟି ବିପଦସଙ୍କୁଳ ଅବସ୍ଥାରେ ଥିବା ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ତାହାକୁ ହଟାଯାଇଛି। ଏହା ସ୍ଥାନରେ ଏକ ନୂତନ ବିଦ୍ୟୁତ୍ ଖୁଣ୍ଟି ଲଗାଯାଇଛି।

ସୂଚନାନୁଯାୟୀ, ସମସ୍ୟା ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ବିଦ୍ୟୁତ୍ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସି ସ୍ଥିତି ଯାଞ୍ଚ କରିଥିଲେ। ଶୁକ୍ରବାର ନୂତନ ଖୁଣ୍ଟି ଲଗାଯାଇଛି। ସମସ୍ୟା ସମ୍ପର୍କରେ ଅବଗତ କରାଇଥିବାରୁ ତେନ୍ତୁଲିଖୁଣ୍ଟି ବ୍ଲକ ଟାଟା ସାଉଥ୍ କୋ କାର୍ଯ୍ୟାଳୟ କନିଷ୍ଠ ଯନ୍ତ୍ରୀ ଧରିତ୍ରୀକୁ ଧନ୍ୟବାଦ ଜଣାଇଛନ୍ତି।

# ୫ଦିନ ପରେ ଖୋଲିଲା ମ୍ୟୁନିସିପାଲିଟି ଅଫିସ ଫାଟକ

ଉମରକୋଟ, ୫।୧ (ସନ୍ତୋଷ ଶତପଥୀ)

- ସଫେଇ କର୍ମଚାରୀଙ୍କ ସହ ପୌର ଉପାଧ୍ୟକ୍ଷଙ୍କ ଆଲୋଚନା
- ଦାବି ପୂରଣ ହେଲେ କାର୍ଯ୍ୟରେ ଯୋଗଦେବେ ସଫେଇ କର୍ମଚାରୀ

ଦୀର୍ଘ ୫ ଦିନ ଧରି ଧରି ଉମରକୋଟ ପୌର ପରିଷଦର ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏଥିସହ ସେମାନେ ପୌରପରିଷଦ କାର୍ଯ୍ୟାଳୟ ଓ ଫାଟକ ସମୁଖରେ ଅଳିଆ ପକାଇ ଆନ୍ଦୋଳନ କରିଥିଲେ। ପୌର ପରିଷଦ ଉପାଧ୍ୟକ୍ଷ ସୁଧାଂଶୁ ଦାସ ସେମାନଙ୍କ ସହ ଆଲୋଚନା କରିଥିଲେ। ସଫେଇ କର୍ମଚାରୀମାନେ ଅଫିସ କାର୍ଯ୍ୟରେ ଅସୁବିଧା ସୃଷ୍ଟି ନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅଫିସ କାମ ସ୍ୱାଭାବିକ ହୋଇଥିଲା। ଶନିବାର ସଫେଇ କାର୍ଯ୍ୟ ଦାୟିତ୍ୱ ନେଇଥିବା ଠିକାଦାର ଉମରକୋଟରେ ପହଞ୍ଚିବା ପରେ ସଫେଇ କର୍ମଚାରୀଙ୍କ ଦାବି ସମ୍ପର୍କରେ ଆଲୋଚନା କରାଯିବ। ଦାବି ପୂରଣ ହେବାପରେ କାର୍ଯ୍ୟରେ ଯୋଗ ଦେବେ ବୋଲି ସଫେଇ କର୍ମଚାରୀ କହିଛନ୍ତି।

ଇପିଏଫ୍ ନ କାଟିବା, ପୂର୍ବରୁ ଯେଉଁ ଇପିଏଫ୍ କଟାଯାଇଛି ତାହାର ପ୍ରମାଣ ପ୍ରଦାନ, ପ୍ରତି ମାସର ଦରମା ଠିକ୍ ସମୟରେ ଦେବା, ସମୟ ପୂର୍ବରୁ ଗ୍ଲୋବ୍ସ ଓ ବୁଟ ଯୋଗାଇବା, ପୁରୁଣା ଏଜେନ୍ସି କାଟିଥିବା ଇପିଏଫ୍ ଅର୍ଥର ରସିଦ ଦେଖାଉ ନଚେତ ଟଙ୍କା ଫେରସ୍ତ କରନ୍ତୁ ବୋଲି ସଫେଇ କର୍ମଚାରୀଙ୍କ ଦାବି ରହିଛି। ଦାବି ସମ୍ପର୍କରେ ପୌର ପ୍ରଶାସନଙ୍କୁ ଅବଗତ କରିଥିଲେ। ଏ ଦିଗରେ ପୌର ପ୍ରଶାସନ ପଦକ୍ଷେପ ନ ନେବାରୁ ଜାନୁଆରୀ ୧ରୁ ସଫେଇ କର୍ମଚାରୀ କାର୍ଯ୍ୟ ବନ୍ଦ କରିବା ସହ ମୁଖ୍ୟ ଫାଟକ ସମ୍ମୁଖରେ ଅଳିଆ ପକାଇ ପ୍ରତିବାଦ କରିଥିଲେ। ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରାଯାଇଥିଲା। ଆଲୋଚନାବେଳେ ଉପାଧ୍ୟକ୍ଷଙ୍କ ସହ କାଉନସିଲର ଭିକି ନାୟକ, ନେତ୍ର ହରିଜନ ଓ ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଫେଇ ସଂସ୍ଥାର ମାଲିକ ଉମରକୋଟ ଆସିବା ପରେ ଆଲୋଚନା କରାଯାଇ ସଫେଇ କର୍ମଚାରୀଙ୍କ ଦାବି ପୂରଣ ହେବ ବୋଲି ଉପାଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ସଫେଇ କର୍ମଚାରୀଙ୍କ ଦାବିପ୍ରତି ପୌର ପରିଷଦ ଅବଗତ ଅଛି। ଶନିବାର ସଫେଇ ସଂସ୍ଥାର ମାଲିକ ଉମରକୋଟ ପହଞ୍ଚିବା ପରେ ଆଲୋଚନା ହେବ। ଏହାପରେ ସଫେଇ କାର୍ଯ୍ୟ ସ୍ୱାଭାବିକ ହେବ ବୋଲି ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ ସୂଚନା ଦେଇଛନ୍ତି।



ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

# ଚିକିତ୍ସା ପାଇଁ ହାତ ବଢ଼ାଇଲା ବ୍ଲକ ପ୍ରଶାସନ




ବ୍ଲକ ଅଧିକାରୀ କମଳଙ୍କ ସହ ଆଲୋଚନା କରୁଛନ୍ତି ।

ତେନ୍ତୁଲିଖୁଣ୍ଟି, ୫।୧ (ଚିଦାନନ୍ଦ ସାହୁ)

**ଚାଲିବୁଲି ପାରୁ ନଥିବା, ଚିକିତ୍ସାରେ ଅର୍ଥବାଧକ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଗୌଡ଼ଦେଓପାଲି ପଞ୍ଚାୟତ ପିପଲଗୁଡ଼ା ଗ୍ରାମର କମଳ ଲୋଚନ ଗୌଡ଼ (୨୮) ଚାଲିବୁଲି ପାରୁନାହାନ୍ତି। ଅର୍ଥାଭାବରୁ ସେ ନିଜ ଚିକିତ୍ସା କରୁ ପାରୁ ନ ଥିବା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ବ୍ଲକ ପ୍ରଶାସନ କମଳଙ୍କ ପାଖରେ ପହଞ୍ଚିଛି।

ଆର୍ଥିକ ଦୁଃସ୍ଥିତି ପାଇଁ କମଳ ନିଜ ଚିକିତ୍ସା କରି ପାରୁନଥିବା ଓ ସହାୟତା ପାଇଁ ପରିବାରରେ କେହି ନ ଥିବା ନେଇ ଗତ ୩ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ବିଡ଼ିଓ ମନୋଜ ପାଣିଗ୍ରାହୀ ବିଏସ୍‌ଏସ୍‌ଓ ରବୀନ୍ଦ୍ର ସାହୁଙ୍କୁ କମଳଙ୍କ ପାଖକୁ ପଠାଇ ଥିଲେ। ମେଡିକାଲ୍ ଟିମ୍ ପଠାଇ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ତେନ୍ତୁଲିଖୁଣ୍ଟିରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ କମଳଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସମସ୍ତ ପରୀକ୍ଷା କରିବା ପରେ ଅଶ୍ୟକୀୟ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ମେଡ଼ିକାଲ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। କମଳ ଲୋଚନଙ୍କ ଚିକିତ୍ସା ପାଇଁ ଅଶ୍ୟକ ସମସ୍ତ ସରକାରୀ ସହାୟତା ଓ ସହଯୋଗ କରାଯାଉଛି ବୋଲି ବିଡିଓ ମନୋଜ କୁମାର ପାଣିଗ୍ରାହୀ କହିଛନ୍ତି।

# ୬୦ ମଣ୍ଡିରେ ପଡ଼ି ରହିଛି ୧୦ହଜାର ପ୍ୟାକେଟ ଧାନ

ନବରଙ୍ଗପୁର,୫।୧ (ସଦାଶିବ ପ୍ରହରାଜ)

ମଣ୍ଡିକୁ ଧାନ ଆଣି ଏବେ ଚାଷୀ ହତାଶ। ଜିଲାରେ ୬୦ ମଣ୍ଡିରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଧାନ ପ୍ୟାକେଟ୍ ପଡି ରହିଛି। ମିଲର ଧାନର ରଙ୍ଗ ବଦଳିବା ଓ ଏଫଏକ୍ୟୁ ଧାନ ମଣ୍ଡିକୁ ଆସୁ ନ ଥିବା କହି ଧାନ ଉଠାଉ ନାହାନ୍ତି। ଅନ୍ୟପକ୍ଷରେ ଧାନର ମାନ ଯାଞ୍ଚ ନ କରାଯାଇ ଚାଷୀଙ୍କ ଭୁଆଁ ବୁଲାଉଛନ୍ତି ମଣ୍ଡି ଦାୟିତ୍ୱରେ ଥିବା ଅଧିକାରୀମାନେ । ଅନ୍ୟ ପକ୍ଷରେ କୁଇଣ୍ଟାଲ ପିଛା ୫ କିଲୋ ଧାନ କାଟି ଅନ୍ୟ ଦୁଇଟି ଲେଖାଏ ମଣ୍ଡିରୁ ଧାନ ଉଠାଇଥିବା ଚାଷୀ ମାନେ ଅଭିଯୋଗ ଆଣୁଛନ୍ତି। ଏନେଇ ଚାଷୀନେତା ବୃନ୍ଦାବନ ତ୍ରିପାଠୀ ଓ ହରିଷ ବିଷୋୟୀ ଓଏସ୍‌ସିଏସ୍‌ସିର ଏମ୍‌ଡି ଶୁଭମ ସକ୍ସେନାଙ୍କୁ ଚାଷୀଙ୍କ ସମସ୍ୟା ଓ ମଣ୍ଡି ସମସ୍ୟା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଏମଡି ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ମଣ୍ଡିରୁ ଧାନ ନ ଉଠିଲେ ରାସ୍ତାରୋକୋ ଓ ଆନ୍ଦୋଳନ କରାଯିବ। କୌଣସି ଅପ୍ରୀତିକର ଘଟଣା ଘଟିଲେ ପ୍ରଶାସନ ଦାୟୀ ରହିବ ବୋଲି ଚାଷୀ ନେତା ତ୍ରିପାଠୀ କହିଛନ୍ତି ।



ଓଏସ୍‌ସିଏସ୍‌ସି ଏମ୍‌ଡିଙ୍କ ସହିତ ଚାଷୀ ନେତା ବୃନ୍ଦାବନ ତ୍ରିପାଠୀ ଆଲୋଚନା କରୁଛନ୍ତି।

# ବ୍ଲକ୍ କାର୍ଯ୍ୟାଳୟ ଘେରାଉ, ବିଡିଓଙ୍କୁ ଦାବିପତ୍ର

କୋଷାଗୁମୁଡ଼ା, ୫।୧ (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କାର୍ଯ୍ୟାଳୟକୁ ଭାଜପା ପକ୍ଷରୁ ଘେରାଉ କରାଯାଇଛି। ବ୍ଲକ ଭାଜପା କର୍ମକର୍ତ୍ତା ସ୍ଥାନୀୟ ଚାଉଁରିଆ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆସିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହରେ କାହିଁକି ବିଜୁ ପକ୍କାଘର ଲୋଗୋ ଲାଗୁଛି, ହିତାଧିକାରୀଙ୍କ ବଦଳରେ ଠିକାଦାର ଗୃହ ନିର୍ମାଣ କରୁଛନ୍ତି ଓ ବୋନସ ଟଙ୍କା ନେଉଛନ୍ତି ବୋଲି କହିଥିଲେ। ହିତାଧିକାରୀଙ୍କୁ କାହିଁକି ଗାଈ ଗୁହାଳ ମିଳୁନାହିଁ ବୋଲି ନବରଙ୍ଗପୁର ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି ପ୍ରଶ୍ନ କରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓ ଆଶିଷ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ବ୍ଲକରେ ହେଉଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ବ୍ଲକ ଘେରାଉବେଳେ ଭାଜପା ଜିଲା ସଭାପତି ଜଗଦୀଶ ବିଷୋୟୀ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, ବରିଷ୍ଠ ଭାଜପା ନେତା କୁଞ୍ଜବିହାରୀ ଦାସ, ଜିଲା ସମ୍ପାଦକ ସୀମାଞ୍ଚଳ ବିଷୋୟୀ, କୋଷାଗୁମୁଡ଼ା ମଣ୍ଡଳ ସଭାପତି ଗୋପୀ ଭତ୍ରା, କୋଡିଙ୍ଗା ମଣ୍ଡଳ ସଭାପତି ସୁରଜ ବିଷୋୟୀ, କୋଟାଗାଁ ମଣ୍ଡଳ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ରଞ୍ଜିତ କୁମାର ପାଢ଼ୀ, ହରେକୃଷ୍ଣ ପ୍ରଧାନ, ପ୍ରସନ୍ନ ପଟ୍ଟନାୟକ ଏବଂ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଭାଜପା ନେତା ଓ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବାକୁ ଯାଉଛନ୍ତି।

# ୧୫ ଗାଁରେ ମିଳୁନି ମୋବାଇଲ ସେବା

ତେନ୍ତୁଲିଖୁଣ୍ଟି, ୫।୧ (ଚିଦାନନ୍ଦ ସାହୁ)

**ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ**

- ବେଶି ଅସୁବିଧା ଭୋଗୁଛନ୍ତି ଛାତ୍ରୀଛାତ୍ର, ରୋଗୀ, ଗର୍ଭବତୀ
- ଜଳଭଣ୍ଡାର ବୁଲି ଆସୁଥିବା ପର୍ଯ୍ୟଟକଙ୍କୁ ହେଉଛି ସମସ୍ୟା
- ନେଟ୍‌ୱର୍କ ପାଇଁ ଚଢ଼ିବାକୁ ପଡୁଛି ପାହାଡ଼

ବର୍ତ୍ତମାନ ସମୟରେ ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ମୌଳିକ ଆବଶ୍ୟକତାରେ ଟେଲି ଯୋଗାଯୋଗ ବା ମୋବାଇଲ ସେବା ଯୋଡ଼ିହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକର ଏଭଳି ୧୫ଟି ଗ୍ରାମ ଅଛି ଯେଉଁଠି ଏବେବି ମୋବାଇଲ୍ ନେଟ୍‌ୱର୍କ ଆସୁନାହିଁ। ତେନ୍ତୁଲିଖୁଣ୍ଟି ବ୍ଲକ ଲମତାଗୁଡ଼ା ପଞ୍ଚାୟତର ୩, ଗୌଡ଼ଦେଓପାଲି ପଞ୍ଚାୟତର ୯ ଓ ତେନ୍ତୁଲିଖୁଣ୍ଟି ସଦର ପଞ୍ଚାୟତର ୩ ଗାଁ ମୋବାଇଲ ସେବାରୁ ବଞ୍ଚିତ। ଉକ୍ତ ଗ୍ରାମର ଅଧିବାସୀଙ୍କୁ ବ୍ୟାପକ ଅସୁବିଧା ଭୋଗିବାକୁ ପଡୁଛି। କାହାରିକୁ ଯୋଗାଯୋଗ କରିବାକୁ ହେଲେ ଲୋକଙ୍କୁ ପାହାଡ଼ ଉପରକୁ ଯିବାକୁ ପଡୁଛି।

ତେନ୍ତୁଲିଖୁଣ୍ଟିରେ ଇନ୍ଦ୍ରାବତୀ ଭଳି ଏକ ବୃହତମ ନଦୀବନ୍ଧ ଯୋଜନା ରହିଛି। ଦେଓପାଲିରେ ମୁଖ୍ୟବନ୍ଧ ଅଞ୍ଚଳ ରହିଛି। ଯେଉଁଠାରୁ ଜଳସ୍ତର ଜାଣିବା ସହ ୪ ବ୍ଲକକୁ ଜଳଯୋଗାଣ ବ୍ୟବସ୍ଥା ନିୟନ୍ତ୍ରଣ କରାଯାଉଛି। ତଥାପି ଏଠାରେ ମୋବାଇଲ ସେବା ବ୍ୟବସ୍ଥା କରାଯାଇନାହିଁ। ପ୍ରତି ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକ ଦେଓପାଲି ଆସିଥାନ୍ତି। ଏଠାରେ ମୋବାଇଲ ସେବା ନ ଥିବାରୁ ଆଣିଥିବା ଗାଡ଼ି ଖରାପ ହେଉ ଅବା ଆଉ କିଛି ଅସୁବିଧା ହେଲେ କାହାରିକୁ ଯୋଗାଯୋଗ କରିବାରେ ସମସ୍ୟା ଦେଖାଦିଏ। ମୋବାଇଲ ସେବା ନ ଥିବାରୁ ଗୌଡ଼ଦେଓପାଲି ପଞ୍ଚାୟତରେ ପିଡିଏସ୍ ସେବା ଅଫ ଲାଇନରେ କରାଯାଉଛି। ଫଳରେ ଏଥିରେ ସ୍ୱଚ୍ଛତା ରାହୁ ନ ଥିବା ଅଭିଯୋଗ ହେଉଛି।

ଗୌଡ଼ଦେଓପାଲି, ହିରିଗୁଡା, ଚିଙ୍ଗୁଡ଼ିସର, ପିପିଲଗୁଡ଼ା, କାଦବେଡା, ଘୁଷୁରାଗୁଡା, ଡାଇକ, ଡଙ୍ଗାଝରଣ ଗ୍ରାମରେ ମୋବାଇଲ ସେବା ନାହିଁ। ସେସବୁ ସ୍ଥାନରେ ମୋବାଇଲ ସେବା ଯୋଗାଇଦେବା ପାଇଁ ସରପଞ୍ଚ ପ୍ରମିଳା ମୁଦୁଲି ଜିଲାପାଳଙ୍କୁ ଲିଖିତ ଦାବି କରିଛନ୍ତି। ଏମ୍‌ପି ରମେଶ ଚନ୍ଦ୍ର ମାଝି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦେଓପାଲିରେ ମୋବାଇଲ ସେବା ଯୋଗାଇବାକୁ ଦାବି ରଖିଛନ୍ତି।

ଲମତାଗୁଡ଼ା ପଞ୍ଚାୟତ ପଡ଼ାଆଉଁଳି, ତଳ ଗୋଡ଼ି, ତଗାପାଲି, ଉପରଗୋଡି ଗ୍ରାମ ମଧ୍ୟ ମୋବାଇଲ ସେବାରୁ ବଞ୍ଚିତ। ଏଠାକାର ଗ୍ରାମବାସୀ ଯୋଗାଯୋଗ ପାଇଁ ଉଚ୍ଚସ୍ଥାନକୁ ଯାଇ କଥା ହେଉଥିବା ଦେଖାଯାଉଛି। ମୋବାଇଲ ସେବା ନ ଥିବାରୁ ଗର୍ଭବତୀ ଓ ରୋଗୀ ବହୁଳଭାବେ ଅସୁବିଧା ଭୋଗୁଛନ୍ତି। ତେନ୍ତୁଲିଖୁଣ୍ଟି ସଦର ପଞ୍ଚାୟତ ବରଡ଼ାଝୋଡ଼ି, ଲଦିପଦର ଓ ପାଙ୍ଗଣମରା ଅଞ୍ଚଳରେ ମୋବାଇଲ ସେବାରୁ ବଞ୍ଚିତ ତଥାପି କାହାରି ନିଘା ନାହିଁ। ଗାଁକୁ ମୋବାଇଲ ସେବା ନ ଥିବାରୁ ଆମ ପୁଅମାନଙ୍କୁ ବୋହୂ ମିଳିବା କଷ୍ଟ ହୋଇଯାଉଛି ବୋଲି ଗ୍ରାମବାସୀ କହିଛନ୍ତି। କୋଭିଡ୍ ସମୟରେ ଅନ୍‌ଲାଇନ ପାଠପଢ଼ା ହେଉଥିଲା। ମୋବାଇଲ ସେବା ନ ଥିବାରୁ ଏସବୁ ଅଞ୍ଚଳର ପିଲାଙ୍କ ପାଠପଢା ବ୍ୟାହତ ହୋଇଥିଲା। ପିଲାମାନେ ବିଭିନ୍ନ ପରୀକ୍ଷା ପାଇଁ ନିଜ ଆଡ୍‌ମିଟ କାର୍ଡର ମେସେଜ ମଧ୍ୟ ନ ପାଇ ହଇରାଣ ହେଉଥିବା ଦେଖାଯାଇଛି। ପ୍ରଶାସନ ଓ ଲୋକ ପ୍ରତିନିଧି ଏଠି ପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

